## ସଂକ୍ଷେପରେ

### ହୀରାଖଣ୍ଡ ବଗିରେ ବର୍ଷାପାଣି



ଜୟପୁର,୨୧।୮(ନି.ପ୍ର.): ଜୟପୁରରେ ପ୍ରବଳ ବର୍ଷା ଚାଲିଥିବା ବେଳେ ଜଗଦଲପୁରରୁ ବାହାରି ଭୁବନେଶ୍ୱର ଯାଉଥିବା ହୀରାଖଣ୍ଡ ଏକ୍ସପ୍ରେସ ବଗି ଭିତରେ ପାଣି ଜମି ଯାତ୍ରୀ ହନ୍ତସନ୍ତ ହୋଇଛନ୍ତି। ଅଧିକାଂଶ ସମୟରେ ବର୍ଷା ହେଲେ ହୀରାଖଣ୍ଡରେ ଏଭଳି ଅବସ୍ଥା ଦେଖାଦିଏ। ଟ୍ରେନ୍‌ରେ ପରିମଳ ବ୍ୟବସ୍ଥା ନାଁକୁ ମାତ୍ର ରହିଛି। ଦୀର୍ଘ ବର୍ଷ ହେବ ଏଭଳି ସ୍ଥିତି ଥିଲେ ବି ରେଳ ବିଭାଗ କିଛି ପଦକ୍ଷେପ ନେଉନାହିଁ। ଏହି ଟ୍ରେନ ଉପରେ ୩ଟି ରାଜ୍ୟର ବାସିନ୍ଦା ନିର୍ଭର କରୁଥିବା ବେଳେ ଅବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଦାବି ହୋଇଛି।

### ମାଥିଲି ଗୁଳିକାଣ୍ଡ ଦିବସ ପାଳିତ

ଜୟପୁର,୨୧।୮(ନି.ପ୍ର.): ଜୟପୁରରେ ବୁଧବାର ମାଥିଲି ଗୁଳିକାଣ୍ଡ ଦିବସ ପାଳିତ ହୋଇଛି। ଏହି ଦିବସ ଅବସରରେ ଶହୀଦ ଲକ୍ଷ୍ମଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଜୟପୁର ମୁଖ୍ୟରାସ୍ତାରେ ଥିବା ଶହୀଦ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଜିଲା ସିପିଆଇ, ବିଭିନ୍ନ ସଙ୍ଗଠନ ତରଫରୁ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଉପସ୍ଥିତ ଅତିଥିମାନେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଓ ତାଙ୍କର ଅବଦାନ ଉପରେ ମତ ରଖିଥିଲେ। ଏଥିରେ ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାସ, ବେଣୁ ମାଧବ ସାହୁ ଉପସ୍ଥିତ ଥିଲେ।

### ଦେଓମାଳୀରେ ହେଲା ସୁଦୃଶ୍ୟ ବିଶ୍ରାମାଗାର



କୋରାପୁଟ,୨୧।୮(ସ୍ୱ.ପ୍ର.): ଓଡ଼ିଶାର ଉଚ୍ଚତମ ପର୍ବତ ଦେଓମାଳୀରେ ପର୍ଯ୍ୟଟକଙ୍କ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ବିଭିନ୍ନ ପଦକ୍ଷେପ ନେଉଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତରେ ରହିଥିବା ଦେଓମାଳି ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ବିକାଶ ପାଇଁ ବିଭିନ୍ନ କାର୍ଯ୍ୟ ଚାଲିଛି। ବର୍ତ୍ତମାନ ପର୍ଯ୍ୟଟନ ବିଭାଗ ୫୦ ଲକ୍ଷ ଟଙ୍କା ବ୍ୟୟରେ ଦେଓମାଳୀ ପାହାଡ଼ର ବିଭିନ୍ନ ସ୍ଥାନରେ ୪ଟି ଆଧୁନିକ ଡିଜାଇନର ବିଶ୍ରାମ ଗୃହ (ଗାଜିବ) ନିର୍ମାଣ କାମ ସାରିଛି। ସେହିପରି ବିଭିନ୍ନ ସ୍ଥାନରେ ପର୍ଯ୍ୟଟକଙ୍କ ବସିବା ପାଇଁ ୫୭ଟି ବେଞ୍ଚ ତିଆରି କରାଯାଇଛି। ପୂର୍ବରୁ ନିର୍ମିତ ହୋଇଥିବା ୫ଟି ଭିଉ ପଏଣ୍ଟର ପୁନରୁଦ୍ଧାର କରାଯାଇଛି। ସେହିପରି ଜିଲା ପ୍ରଶାସନ ପକ୍ଷରୁ ଦେଓମାଳି ଉପର ପର୍ଯ୍ୟନ୍ତ ଯିବା ପାଇଁ ପିଚୁ ରାସ୍ତା କରାଯିବା ସହ ସେଠାରେ ରାତ୍ରି ଯାପନ ପାଇଁ ଗୃହ ନିର୍ମାଣ, ପାନୀୟ ଜଳ ବ୍ୟବସ୍ଥା, ଶିଶୁ ଉଦ୍ୟାନ କରାଯିବ ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ ସୁରେନ୍ଦ୍ର ଲିମା ପ୍ରକାଶ କରିଛନ୍ତି।

### ମୃତଦେହ ଉଦ୍ଧାର

ଲକ୍ଷ୍ମୀପୁର,୨୧।୮(ଡି.ଏନ୍.ଏ.): ଲକ୍ଷ୍ମୀପୁର ବ୍ଲକ ପିପଲପଦର ପଞ୍ଚାୟତର କେନ୍ଦୁପାଇ ଗ୍ରାମ ନିକଟସ୍ଥ ନଦୀରେ ଭାସିଆସି ଏକ ମୃତଦେହ ଗଛଲଟାରେ ଅଟକିଥିବା ଦେଖି ସ୍ଥାନୀୟ ଲୋକେ ଲକ୍ଷ୍ମୀପୁର ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଥାନା ଅଧିକାରୀ ଗୌରହରି ସାହୁ, ଏଏସ୍ଆଇ ମନୋରଞ୍ଜନ ସାହୁ, ଏଏସ୍ଆଇ ଛବିନ୍ଦ୍ର କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ପରେ ଲକ୍ଷ୍ମୀପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଥିଲେ। ମୃତକଙ୍କ ବୟସ ପ୍ରାୟ ୫୦ ବର୍ଷ ଅନୁମାନ କରାଯାଉଛି। ଏନେଇ ୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଶ୍ରେଷ୍ଠ ଶିକ୍ଷକ ଭାବେ ଦିଲ୍ଲୀରେ ପୁରସ୍କୃତ ହେବେ ପବିତ୍ର

ଜୟପୁର/ବୋରିଗୁମ୍ମା, ୨୧।୮(ଡି.ଏନ୍.ଏ.)

■ପୂର୍ବରୁ ରାଜ୍ୟସ୍ତରୀୟ ଶ୍ରେଷ୍ଠ ଶିକ୍ଷକ, ପ୍ରକୃତି ବନ୍ଧୁ, ପ୍ରକୃତି ମିତ୍ର ପୁରସ୍କାର ପାଇଛନ୍ତି

■ଚଳିତ ବର୍ଷ ଓଡ଼ିଶାରୁ ଏକମାତ୍ର ଶିକ୍ଷକ ଭାବେ ମନୋନୀତ ହୋଇଛନ୍ତି



ସେପ୍ଟେମ୍ବର ୫ ଗୁରୁଦିବସ ଅବସରରେ ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନ ଶ୍ରେଷ୍ଠ ଶିକ୍ଷକ ଭାବେ ପୁରସ୍କୃତ ହେବେ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଖଟୁଲୁଗୁଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପବିତ୍ର ମୋହନ ଦାସ । କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ହେବାକୁ ଥିବା ସେହି କାର୍ଯ୍ୟକ୍ରମରେ ଚଳିତ ବର୍ଷ ଓଡ଼ିଶାରୁ ଏକମାତ୍ର ଶିକ୍ଷକ ଭାବେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି ପବିତ୍ର। ୨୦୦୧ରୁ ଶିକ୍ଷକତା ଚାକିରି ଆରମ୍ଭ କରିଥିବା ପବିତ୍ରମୋହନ ପିଲାମାନେ ସହଜ ଓ ସାବଲୀଳ ଭାବେ ବୁଝିପାରିବା ଭଳି ଅନେକ ବହି ଲେଖିଛନ୍ତି । ୨୦୧୪ରେ ଖଟୁଲୁଗୁଡ଼ା ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱ ନେବା ପରେ ସେ ବିଦ୍ୟାଳୟ ପରିସରରେ ଚାରାରୋପଣ ସହ ସଫେଇକୁ ଗୁରୁତ୍ୱ ଦେଇଛନ୍ତି। ସେଥିପାଇଁ ତାଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ମଧ୍ୟ ମିଳିଛି। ୨୦୧୬ରେ ରାଜ୍ୟସ୍ତରୀୟ ଶ୍ରେଷ୍ଠ ଶିକ୍ଷକ ଓ ପ୍ରକୃତି ମିତ୍ର ଭାବେ ସମ୍ମାନିତ ହୋଇଛନ୍ତି। ବୋରିଗୁମ୍ମାରେ ଜନ୍ମିତ ପବିତ୍ର କୋଲାବ ନଗର ବିଦ୍ୟାଳୟରୁ ସ୍କୁଲଶିକ୍ଷା, ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାସ୍ କରିବା ପରେ ସ୍ଥାନୀୟ ଜିଲା ଶିକ୍ଷା ପ୍ରତିଷ୍ଠାନରେ ତାଲିମ ନେଇ ଶିକ୍ଷକତା ଆରମ୍ଭ କରିଥିଲେ। କୋରାପୁଟ ଭଳି ଉପାନ୍ତ ଓ ଅନୁନ୍ନତ ଜିଲାରୁ ଲଗାତାର ୨ବର୍ଷ ହେଲା ଶିକ୍ଷକମାନେ ଜାତୀୟସ୍ତରରେ ପୁରସ୍କୃତ ହେବା ପ୍ରେରଣାଦାୟୀ ନିଶ୍ଚୟ। ୨୦୧୮ରେ କୋରାପୁଟ ଜିଲାର ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଓମ୍‌ପ୍ରକାଶ ମିଶ୍ର ରାଜ୍ୟର ଏକମାତ୍ର ଶିକ୍ଷକ ଭାବେ ରାଷ୍ଟ୍ରପତିଙ୍କ ହାତରୁ ଶ୍ରେଷ୍ଠ ଶିକ୍ଷକ ପୁରସ୍କାର ପାଇଥିଲେ।

# ଜଙ୍ଗଲରୁ ମିଳିଲା ମହିଳାଙ୍କ ମୃତଦେହ

ବୈପାରୀଗୁଡ଼ା,୨୧।୮(ଡି.ଏନ୍.ଏ.)

■୩ ଦିନ ହେଲା ନିଖୋଜ ଥିଲେ

■ମୃତ୍ୟୁର କାରଣ ଅସ୍ପଷ୍ଟ

ବୈପାରୀଗୁଡ଼ା ଅଞ୍ଚଳର ଜଣେ ବିବାହିତ ମହିଳା ୩ ଦିନ ହେଲା ନିଖୋଜ ଥିଲେ। କିନ୍ତୁ ବୁଧବାର ତାଙ୍କର ଗଳିତ ମୃତଦେହ ଜଙ୍ଗଲରୁ ମିଳିବା ପରେ ତାଙ୍କର ମୃତ୍ୟୁକୁ ନେଇ ଅଞ୍ଚଳରେ ବିଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ବୈପାରୀଗୁଡ଼ା ଥାନା ଅନ୍ତର୍ଗତ କେନ୍ଦୁଗୁଡ଼ା ପଞ୍ଚାୟତ ଘସର୍ଲିଆଗୁଡ଼ା ଗ୍ରାମର ମରୁ ଘସର୍ଲିଆଙ୍କ ପତ୍ନୀ ବାସନ୍ତୀ (୨୨) ୩ ଦିନ ହେବ ନିଖୋଜ ରହିଥିଲେ। କିନ୍ତୁ ବୁଧବାର ସକାଳେ ତାଙ୍କର ମୃତଦେହ ଘରଠାରୁ ପ୍ରାୟ ଦେଢ଼ କିମି ଦୂର ଜଙ୍ଗଲିଆ ସ୍ଥାନରେ ପଡ଼ିଥିବା ଖବର ମିଳିଥିଲା। ସୂଚନା ପାଇ ଥାନା ଅଧିକାରୀ ରମେଶ କୁମାର ଦେବତା ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ସ୍ଥାନୀୟ ତହସିଲଦାର ସଞ୍ଜିବ କୁମାର ସାହୁଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହାୟତାରେ ଘଟଣାର ତଦନ୍ତ ଚାଲିଛି।

# ଏମ୍‌ପିଙ୍କୁ ଦାବିପତ୍ର ଦେଲା ବିକାଶ ମଞ୍ଚ

କୋରାପୁଟ,୨୧।୮(ସ୍ୱ.ପ୍ର.)

**୨୬ ନମ୍ବର ଜାତୀୟ ରାଜପଥ ସମସ୍ୟାର ସମାଧାନ ଦାବି**

କୋରାପୁଟ ଜିଲା ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ଅବସ୍ଥା ଶୋଚନୀୟ ରହିଥିବାରୁ ଯାତ୍ରୀଙ୍କ ପାଇଁ ଏକ ପ୍ରକାର ମରଣଯନ୍ତା ପାଲଟିଛି। ତେଣୁ ଏହି ସମସ୍ୟାର ସମାଧାନ ଦାବିରେ କୋରାପୁଟ ଜିଲା ବିକାଶ ମଞ୍ଚ ପକ୍ଷରୁ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୋରାପୁଟ ବିକାଶ ମଞ୍ଚର ସଂପାଦକ ଶେଷାଦ୍ରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ମଞ୍ଚର ବହୁ ସଦସ୍ୟ ଉପସ୍ଥିତ ରହି ଜାତୀୟ ରାଜପଥରେ ଶତାଧିକ ଖାଲଖମା ଓ ନିମ୍ନମାନର କାମ ଯୋଗୁ ବାରମ୍ବାର ଏପରି ହେଉଥିବା ଅଭିଯୋଗ କରିଛନ୍ତି।



କୋରାପୁଟ ବିକାଶ ମଞ୍ଚର ସଦସ୍ୟମାନେ ଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କୁ ଦାବିପତ୍ର ଦେଉଛନ୍ତି।

# ଅଗଷ୍ଟରେ ୬୯.୫୭ ମିମି ଅଧିକ ବର୍ଷା

କୋରାପୁଟ,୨୧।୮(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଚଳିତ ମାସ ୨୧ ତାରିଖ ସୁଦ୍ଧା ୬୯.୫୭ ମିମି ଅଧିକ ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ସୂଚନା ଦେଇଛି। ଜିଲାରେ ଗତ ଜୁନରେ ସ୍ୱାଭାବିକଠାରୁ ୪.୧୧ ମିମି ଅଧିକ ବର୍ଷା ହୋଇଥିଲା। ସେହିପରି ଗତ ଜୁଲାଇରେ ୪୪.୮୧ ଅଧିକ ବର୍ଷା ହୋଇଛି। ଜୁନ୍‌ରେ ଜିଲାରେ ୨୦୬.୮ ମିମି ବର୍ଷା ହୋଇଥିବାବେଳେ ଜୁଲାଇରେ ୩୭୫ ମିମି ବର୍ଷା ହୋଇଛି। ଅନ୍ୟପକ୍ଷରେ ପ୍ରବଳ ବର୍ଷାରେ କୋରାପୁଟ ଜିଲାରେ ପ୍ରାୟ ୩୦ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଏନେଇ ଜିଲା ଜରୁରୀ ବିଭାଗ ରାଜ୍ୟ ସରକାରଙ୍କ ନିକଟକୁ ରିପୋର୍ଟ ପଠାଇଛି । ଗତ ଅଗଷ୍ଟରେ ଜିଲାରେ ହୋଇଥିବା ପ୍ରବଳ ବର୍ଷାରେ କୋରାପୁଟ, ଦଶମନ୍ତପୁର, ଜୟପୁର, କୋଟପାଡ଼, ବୈପାରିଗୁଡ଼ା, ବୋରିଗୁମ୍ମା ସେମିଳିଗୁଡ଼ା, ନନ୍ଦପୁର, ଲମତାପୁଟ, ପଟ୍ଟାଙ୍ଗି, ଲକ୍ଷ୍ମୀପୁର ବ୍ଲକ ବିଶେଷ ପ୍ରଭାବିତ ହୋଇଛି। ଜିଲାର ୧୧୪୫ଟି ଘର ଭାଙ୍ଗିଥିବାବେଳେ ୯୫ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଛି।

■ହଜାର ହଜାର ହେକ୍ଟର ମକାଚାଷରେ ଗୋବାପୋକ ଆତଙ୍କ

# ପ୍ରତିକାର ତାଲିମ ଦେଲା କୃଷି ବିଭାଗ



କ୍ଷେତ୍ର କୃଷି କର୍ମଚାରୀ ତାଲିମ ନେଉଛନ୍ତି।

ଜୟପୁର,୨୧।୮(ନି.ପ୍ର.)

କୋରାପୁଟ ଜିଲାର ହଜାର ହଜାର ହେକ୍ଟର ମକାଚାଷରେ ଗୋବାପୋକ ଲାଗି ଫସଲ ନଷ୍ଟ ହେବାକୁ ବସିଛି। ତେଣୁ କୃଷି ବିଭାଗ ଏବେ ତତ୍ପର ହୋଇପଡ଼ିଛି। ଏହାର ନିରାକରଣ ପାଇଁ ଜୟପୁର ସ୍ଥିତ କୃଷି ବୈଷୟିକ ଓ ସୂଚନା କେନ୍ଦ୍ରରେ ବୁଧବାର କ୍ଷେତ୍ର କୃଷି କର୍ମଚାରୀଙ୍କୁ ନେଇ ତାଲିମ ଦିଆଯାଇଛି। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ସହାୟତାରେ ଦିଆଯାଇଥିବା ଏହି ତାଲିମରେ ଗୋବାପୋକ ବା ଫଲ୍ ଆର୍ମି ୱର୍ମ ଚିହ୍ନଟ କରିବା ଓ ଏହାର ପ୍ରତିକାର ନେଇ ପରାମର୍ଶ ଦିଆଯାଇଥିଲା। କୁନ୍ଦୁରା ବ୍ଲକର ଲିମା, ବାଗଦେରି, ପାକନାଗୁଡ଼ା, ବୈପାରିଗୁଡ଼ା, ବୋରିଗୁମ୍ମା ଅଞ୍ଚଳରେ ଗତ ୧୫ ଦିନ ହେଲା ଏହି ପୋକର ଆତଙ୍କ ଦେଖାଦେଇଛି। ଚଳିତ ଖରିଫ ଋତୁ ଜିଲାର ୨୧ ହଜାର ୧୦୦ ହେକ୍ଟର ଜମିରେ ମକାଚାଷ କରାଯାଇଥିବା ବେଳେ ସେଥିରୁ ପ୍ରାୟ ୫ ହଜାର ହେକ୍ଟର ମକାଫସଲରେ ପୋକ ଲାଗି ନଷ୍ଟ ହେବାକୁ ବସିଛି।

# ଯୋଗାଣ ସହାୟକଙ୍କୁ ବହିଷ୍କାର ପାଇଁ ରିଜୋଲ୍ୟୁଶନ

ଦଶମନ୍ତପୁର,୨୧।୮(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଏ. ମାଲକାନଗିରି ପଞ୍ଚାୟତରେ କାର୍ଯ୍ୟରତ ଯୋଗାଣ ସହାୟକଙ୍କ ବେଖାତିର ଓ ମନମୁଖୀ କାର୍ଯ୍ୟକୁ ବିରୋଧ କରିଛନ୍ତି ପଞ୍ଚାୟତ କର୍ମଚାରୀ। ବୁଧବାର ଏକ ବୈଠକ କରାଯାଇ ଯୋଗାଣ ସହାୟକଙ୍କୁ ବହିଷ୍କାର କରିବା ଲାଗି ରିଜୋଲ୍ୟୁସନ ହୋଇଛି। ଏ. ମାଲକାନଗିରି ପଞ୍ଚାୟତରେ ୭ବର୍ଷ ହେବ ଯୋଗାଣ ସହାୟକ ପିଡିଏସ ଓ କିରୋସିନ ବଣ୍ଟନ କାର୍ଯ୍ୟ ତୁଲାଇ ଆସୁଥିଲେ। ପିଇଓଙ୍କ ଛତ୍ରଛାୟାରେ ରହି ସେ ଦୁର୍ନୀତି କରୁଥିବା ଅଭିଯୋଗ ହୋଇଥିଲା। ସେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ୧୩୩୩ ଜଣ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଉଥିବା ଷ୍ଟକ ଖାତା, କ୍ୟାସ୍‌ବୁକ, ଟାଲି ରେଜିଷ୍ଟର ଓ ପିଡିଏସ୍ ପାସବୁକ ଦେଖାଉନାହାନ୍ତି ବୋଲି ସରପଞ୍ଚ ନିୟତି ଗିରେମ, ନାଏବ ସରପଞ୍ଚ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ, ୨୧ ନଭେମ୍ବର ୨୦୧୭ରେ ତାଙ୍କର ବହିଷ୍କାର ଦାବିକରି ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏନେଇ ଜିଲାପାଳ, ଡିପିଓ, ଉପଜିଲାପାଳ, ବିଡିଓ, ଯୋଗାଣ ନିରୀକ୍ଷକଙ୍କୁ ଲିଖିତ ଓ ମୌଖିକ ଭାବେ ଅବଗତ କରାଯାଇଥିଲେ ମଧ୍ୟ କିଛି ଫଳ ମିଳିନାହିଁ। ତେଣୁ ବାଧହୋଇ ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ସରପଞ୍ଚ, ନାଏବ ସରପଞ୍ଚଙ୍କୁ ନେଇ ବୁଧବାର ଏକ ବୈଠକ ହୋଇଥିଲା। ପିଇଓଙ୍କୁ ବଦଳି ଓ ସଂପୃକ୍ତ ଯୋଗାଣ ସହାୟକଙ୍କୁ ବହିଷ୍କାର ପାଇଁ ସର୍ବସମ୍ମତିକ୍ରମେ ରେଜୁଲେସନ ହୋଇଛି।

# ଫେରାର ଅଭିଯୁକ୍ତଙ୍କୁ ନିସ୍ଥୁକ ମାଡ଼, ପୋଲିସକୁ ହସ୍ତାନ୍ତର

ଜୟପୁର,୨୧।୮(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ସହରର ଜୟନଗର ଉପକଣ୍ଠ ଅଞ୍ଚଳରୁ ଜଣେ ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ ନିସ୍ଥୁକ ମାଡ଼ ମାରିବା ପରେ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଏନେଇ ଥାନାକୁ ଯୋଗାଯୋଗ କରିବାରୁ ସଂପୃକ୍ତ ଅଭିଯୁକ୍ତଙ୍କ ନାମରେ କେଉଁ ଥାନାରେ ମାମଲା ରହିଛି, କେଉଁ ଘଟଣାରେ ସେ ସଂପୃକ୍ତ ଅଛନ୍ତି, ତାହା ଗୁରୁବାର ଖବରଦାତା ସମ୍ମିଳନୀରେ ସୂଚନା ଦିଆଯିବ ବୋଲି ପୋଲିସ ପ୍ରକାଶ କରିଛି। ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ଉପରୋକ୍ତ ଅଭିଯୁକ୍ତଙ୍କୁ ଲୋକେ କାବୁ କରିବା ସହ ନିସ୍ଥୁକ ପିଟିଥିବା ବେଳେ ପୋଲିସକୁ ହସ୍ତାନ୍ତର କରିଥିଲେ।

# ଲୁଟ୍ ଯୋଜନାରେ ଥିବା ୪ ଗିରଫ

**୨ ଗାଡ଼ି, ମାରଣାସ୍ତ୍ର ଜବତ କଲା ପୋଲିସ**

କୋରାପୁଟ,୨୧।୮(ସ୍ୱ.ପ୍ର.)

କୋରାପୁଟ ବ୍ଲକର ଦେଓଘାଟି ନିକଟ ୨୬ ନମ୍ବର ଜାତୀୟ ରାଜପଥରେ ଲୁଟ୍ କରିବା ଯୋଜନାରେ ଥିବା ୪ ଲୁଟେରାଙ୍କୁ ବୁଧବାର ରାତ୍ରରେ କୋରାପୁଟ ସଦର ପୋଲିସ ଗିରଫ କରିବାରେ ସଫଳ ହୋଇଛି। ସେମାନେ ହେଲେ କୋରାପୁଟ ବ୍ଲକର ଝଡ଼ିଗୁଡ଼ରା ଗ୍ରାମର ମୁରଲି ସୁନା, ଭକ୍ତ ବେନିଆ, ଗୁପ୍ତ ଖିଲ ଓ ରବି ଖରା। ସେମାନଙ୍କଠାରୁ ୨ଟି ବାଇକ ଓ କିଛି ମାରଣାସ୍ତ୍ର ଜବତ କରାଯାଇଛି। ଏହି ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେଠାରେ ଥିବା ଅନ୍ୟ ଜଣେ ଲୁଟେରା ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏମାନେ କୋରାପୁଟ ବ୍ଲକର ଦେଓଘାଟି ନିକଟରେ ଜାତୀୟ ରାଜପଥ ନଂ ୨୬ରେ ଜଗିରହି ଗାଡ଼ି ଅଟକାଇ ଯାତ୍ରୀଙ୍କଠାରୁ ଲୁଟ୍ ଯୋଜନାରେ ଥିଲେ। ସଦର ପୋଲିସ ଜୟପୁରଠାରୁ କୋରାପୁଟ ଆସୁଥିବାବେଳେ ଏମାନଙ୍କୁ ଧରିବାରେ ସଫଳ ହୋଇଥିବା ସଦର ଥାନା ଅଧିକାରୀ ସର୍ମିଳା ସ୍ୱାଇଁ ପ୍ରକାଶ କରିଛନ୍ତି।

# ନାଲ୍‌କୋ ଫାଉଣ୍ଡେଶନର ସ୍ୱଚ୍ଛତା ପଖୱାଡ଼ା

ଦାମନଯୋଡ଼ି,୨୧।୮ (ସ୍ୱ.ପ୍ର./ଡି.ଏନ୍.ଏ.)

ଦାମନଯୋଡ଼ି ସ୍ଥିତ ଆଲୁମିନା ବାଳିକା ବିଦ୍ୟାଳୟରେ ନାଲକୋ ଫାଉଣ୍ଡେସନ ପକ୍ଷରୁ ସ୍ୱଚ୍ଛତା ପଖୱାଡ଼ା ଅନୁଷ୍ଠିତ ହୋଇଛି। ଏଥିରେ ୧୯୦ ଜଣ ଛାତ୍ରୀଙ୍କୁ ସ୍ୱଚ୍ଛତା କିଟ୍ ବଣ୍ଟାଯାଇଥିଲା। ଭାରତସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନକୁ ସଫଳ କରିବା ପାଇଁ ନାଲ୍‌କୋ ଉଦ୍ୟୋଗ ଅଗଷ୍ଟ ୧୬ରୁ ୩୧ ମଧ୍ୟରେ ପାରିପାର୍ଶ୍ୱିକ ଶିକ୍ଷାନୁଷ୍ଠାନରେ ୪ ହଜାର ସ୍ୱଚ୍ଛତା କିଟ୍ ବଣ୍ଟନ କରିବା ସହ ସ୍ୱଚ୍ଛତା ଜ୍ଞାନ ଯୋଗାଇଦେବାର ଯୋଜନା ରଖିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଲକୋ ଖଣି ବିଶୋଧନାଗାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ, ମହାପ୍ରବନ୍ଧକ ସୁଶୀଲ ପାଢ଼ୀ, ଅମରେନ୍ଦ୍ର ମିଶ୍ର, ସୁକାନ୍ତ ଦାସ, ଶଶାଙ୍କ ଶେଖର ସାହୁ, ବିଚ୍ଛନ୍ଦ ଦାସ, ରମେଶ ଚନ୍ଦ୍ର ଦାସ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ। ନାଲକୋ ଫାଉଣ୍ଡେସନର ସସ୍ମିତ ନାୟକ, ସୌଭାଗ୍ୟ ରଞ୍ଜନ ଜେନା, ତାପସ ପଣ୍ଡା, ପ୍ରମୋଦ ହିଆଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସ୍ୱଚ୍ଛତା ପଖୱାଡ଼ାରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

# ୪୫ କେଜି ଗଞ୍ଜେଇ ଜବତ, ୨ ଗିରଫ

କୁନ୍ଦୁରା,୨୧।୮(ଡି.ଏନ୍.ଏ.)

କୁନ୍ଦୁରା ପୋଲିସ ଏସ୍ଆଇ ଶିବଚରଣ ବିଦା ଓ ତାଙ୍କ ଟିମ୍ ମଙ୍ଗଳବାର ସନ୍ଧ୍ୟାରେ ବାଗଦେରୀ କୋଲାବ ନଦୀ ପୋଲ ନିକଟରୁ ଗଞ୍ଜେଇ ନେଉଥିବା କାର୍ ଜବତ କରିଛି। ଗାଡ଼ିରୁ ୪୫ କେଜି ଗଞ୍ଜେଇ ଜବତ ହେବା ସହ ଏଥିରେ ସମ୍ପୃକ୍ତ ଥିବା ୨ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ ଜୟରାମ ବିଶି (୨୧) ଓ ମଦନ ନାୟକ (୩୬)। ଜବତ ହୋଇଥିବା ଟାଟା ଟିଆଗୋ କାର୍‌ର ରେଜିଷ୍ଟ୍ରେସନ ନମ୍ବର କିଛି ନଥିବା କୁନ୍ଦୁରା ଥାନା ଏସ୍ଆଇ ସୂଚନା ଦେଇଥିଲେ। ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି।

■ ନ୍ୟାଶନାଲ ଓପନ କରାଟେ ପ୍ରତିଯୋଗିତା

# ସେମିଳିଗୁଡ଼ାରୁ ଭାଗନେବେ ୨୨ ପ୍ରତିଯୋଗୀ

ସେମିଳିଗୁଡ଼ା,୨୧।୮(ସ୍ୱ.ପ୍ର.)

ଚଳିତ ମାସ ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା ଭୁବନେଶ୍ୱର ସ୍ଥିତ ମଞ୍ଚେଶ୍ୱର ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଓଡ଼ିଶା, ପଶ୍ଚିମବଙ୍ଗ, ଗୁଜୁରାଟ, ଝାଡ଼ଖଣ୍ଡ ରାଜ୍ୟରୁ ୧୨ ଶହ ପ୍ରତିଯୋଗୀ ଭାଗନେବେ। ଏଥିରେ ସେମିଳିଗୁଡ଼ାର ଉତ୍କଳ କରାଟେ ସ୍କୁଲରୁ ୨୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ସେମାନଙ୍କୁ ସ୍କୁଲର ମୁଖ୍ୟ କୋଚ୍ ମହେଶ ବରାଳ ଓ ସେମିଳିଗୁଡ଼ା କୋଚ୍ ରାଜେନ୍ଦ୍ର କେଶର ସାମଲ ଶୁଭେଚ୍ଛା ଜଣାଇଛନ୍ତି।




ପ୍ରତିଯୋଗିତାରେ ଭାଗନେବାକୁ ଥିବା କରାଟେ ଖେଳାଳିମାନେ।

# ଗଣେଶ ପୂଜା ପାଇଁ ଜମୁଛି ମୂର୍ତ୍ତି ବେପାର

କୋରାପୁଟ,୨୧।୮(ସ୍ୱ.ପ୍ର.)

ସେପ୍ଟେମ୍ବର ୨ରେ ହେବ ବିଦ୍ୟାଦାତା ଗଣେଶଙ୍କ ଆରାଧନାର ଦିନ। ଏହା ପୂର୍ବରୁ କୋରାପୁଟ ସହରର ବିଭିନ୍ନ ପୂଜା କମିଟି ପ୍ରସ୍ତୁତି ଜୋରଦାର କରିଛନ୍ତି। ଗଜାନନଙ୍କ ପ୍ରତିମୂର୍ତ୍ତି ନିର୍ମାଣ କାମ ଜୋରସୋରରେ ଚାଲିଛି। ଚଳିତ ବର୍ଷ ବିଭିନ୍ନ ପୂଜାକମିଟି ପକ୍ଷରୁ କୋରାପୁଟ ସହର ଓ ଆଖପାଖ ଅଞ୍ଚଳର ଶହେରୁ ଊର୍ଦ୍ଧ୍ୱ ଜାଗାରେ ଗଣେଶ ପୂଜା ହେବ ବୋଲି ଜଣାପଡ଼ିଛି। ମେଢ଼ ଓ ସାଜସଜ୍ଜାରେ କିଏ ଆଗୁଆ ରହିବ, ସେଥିପାଇଁ ସବୁ ପୂଜା କମିଟି ନିଜ ଦମ୍ ଲଗାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଚଳିତ ବର୍ଷ କୋରାପୁଟ ସହରରେ ଅଳ୍ପ କିଛି ପୂଜା କମିଟି ପକ୍ଷରୁ ମାଟିମୂର୍ତ୍ତି ନିର୍ମାଣ କରାଯାଉଥିବାବେଳେ ଅଧିକାଂଶ ପୂଜା କମିଟି ଓ ସମସ୍ତ ଶିକ୍ଷାନୁଷ୍ଠାନରେ ପ୍ଲାଷ୍ଟର ପ୍ୟାରିସ ମୂର୍ତ୍ତି କିଣି ପୂଜା କରିବା ଲକ୍ଷ୍ୟରେ ରହିଛନ୍ତି। ସେଥିପାଇଁ ଆନ୍ଧ୍ରର ବିଜୟନଗରମ, ବିଶାଖାପାଟଣା, ପଶ୍ଚିମବଙ୍ଗର କଲକାତାରୁ ମଧ୍ୟ କାରିଗର ଆସି କୋରାପୁଟ ସହରରେ ଏବେଠାରୁ ମୂର୍ତ୍ତି ବିକ୍ରି ଆରମ୍ଭ କରିଦେଲେଣି । ସହରର କଳାନିକେତନ ଛକ, ବଜାର ଅଞ୍ଚଳରେ ସ୍ଥାନୀୟ ବ୍ୟବସାୟୀମାନେ ମାଟିମୂର୍ତ୍ତି ବଜାର ଖୋଲିଛନ୍ତି। ୫୦ ଟଙ୍କାରୁ ଆରମ୍ଭ କରି ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଗଣେଶ ମୂର୍ତ୍ତି ବିକ୍ରି ଚାଲିଛି । ସେହିପରି କଟକ ଅଞ୍ଚଳରୁ କେତେକ କାରିଗର ଆସି ସହରର ବନଭାରତୀ ଲାଇନ ଅଞ୍ଚଳରେ ବିଭିନ୍ନ କିସମର ମୂର୍ତ୍ତି ପ୍ରସ୍ତୁତ କରି ପସରା ମେଲାଇଛନ୍ତି। ମୂର୍ତ୍ତିରେ ବ୍ୟବହୃତ ରଙ୍ଗ ସହ ଅନ୍ୟ ସାମଗ୍ରୀର ଦର ବୃଦ୍ଧି ଯୋଗୁ ଚଳିତ ବର୍ଷ ଉଭୟ ମାଟି ଓ ପ୍ଲାଷ୍ଟର ପ୍ୟାରିସ ମୂର୍ତ୍ତିର ଦର ମଧ୍ୟ ବଢ଼ିବ ବୋଲି କେତେକ କାରିଗର ପ୍ରକାଶ କରିଛନ୍ତି।



କୋରାପୁଟ ସହରର କଳା ନିକେତନଠାରେ ମୂର୍ତ୍ତି ବଜାର।

## ସଂକ୍ଷେପରେ

### ସାପକାମୁଡ଼ାରେ ୪ବର୍ଷର ଶିଶୁ ମୃତ

କାଲିମେଳା,୨୧।୮(ଡି.ଏନ୍.ଏ.)- ମାଲକାନଗିରି ଜିଲା କାଲିମେଳା ବ୍ଲକ ବଡିଗେଟା ପଞ୍ଚାୟତ ଅନ୍ତର୍ଗତ କୁତବାନପାଲି ଗ୍ରାମରେ ବୁଧବାର ସକାଳେ ଏକ ଦୁଃଖଦ ଘଟଣା ଘଟିଛି । ଜଣେ ୪ ବର୍ଷର ଶିଶୁ ପାଠ ପଢିବା ପାଇଁ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରକୁ ବାହାରୁଥିବା ସମୟରେ ହଠାତ ତାକୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଫଳରେ ଶିଶୁଟିର ମୃତ୍ୟୁ ହୋଇଥିଲା। ଶିଶୁଟି କୁତବାନପାଲି ଗ୍ରାମର ମୁକା କାରାମଙ୍କ ପୁଅ ଅମିତ କାରାମ ବୋଲି ଜଣାପଡିଛି। ଖବରରୁ ଜଣାପଡିଛି ଏହି ଗ୍ରାମର ମୁକାଙ୍କ ପୁଅ ଅମିତ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରରେ ପଢୁଥିଲେ। ସବୁଦିନ ଭଳି ବୁଧବାର ମଧ ସେ ଅଙ୍ଗନୱାଡି କେନ୍ଦ୍ରକୁ ଯିବା ପାଇଁ ବାହାରୁଥିଲେ। ଏହି ସମୟରେ ଏକ ସାପ ଅମିତଙ୍କ ଗୋଡ଼କୁ କାମୁଡି ଦେଇଥିଲା । ପରିବାର ଲୋକେ ଅମିତକୁ ପ୍ରଥମେ ମେଡିକାଲ ଆଣିବା ପରିବର୍ତ୍ତେ ଜଣେ ଗୁଣିଆ ପାଖକୁ ଚିକିତ୍ସା ପାଇଁ ନେଉଥିବା ବେଳେ ବଡିଗେଟା ସରପଞ୍ଚ ରାମଚନ୍ଦ୍ର ବେଟୀ ସେମାନଙ୍କୁ ବୁଝାଶୁଝା କରି କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଭର୍ତ୍ତି କରିଥିଲେ। ତେବେ ଗୁରୁତର ହୋଇପଡିଥିବା ଅମିତ ଡାକ୍ତରଖାନାରେ ପହଞ୍ଚିବାର କିଛି ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ସଂରକ୍ଷିତ ଜଙ୍ଗଲରେ ଚାଷ କରି ଜଣେ ଗିରଫ

ଡାବୁଗାଁ, ୨୧।୮(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳର ଜଟାବାଲ ସେକସନ ଅଧୀନ ବେଗିଗାଁ ସଂରକ୍ଷିତ ଜଙ୍ଗଲ ମଧରେ ଇନ୍ଦ୍ର ସୌରା (୪୮) ବୁଧବାର ସକାଳେ ଚାଷ କରିବା ସମୟରେ ଡାବୁଗାଁ ବନ ବିଭାଗ ଗିରଫ କରିଛି। ବଡଭେଜା ଗ୍ରାମର ଇନ୍ଦ୍ର ଜଙ୍ଗଲ କାଟି ଚାଷ କରୁଥିବା ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ଚଢାଉ କରିଥିଲେ। ସେଠାରୁ ଗୋଟିଏ ଲଙ୍ଗଳ ଓ ଜୁଆଳି ଜବତ କରିଛି।ଇନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏନେଇ ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟ ନଂ ୯୭/୧୯ରେ ଏକ ମାମଲା ରୁଜୁ କରାଯାଇଛି । ଏଥିରେ ଜଟାବାଲ ବନପାଳ ରାମଚନ୍ଦ୍ର ଜାନୀ, ବନରକ୍ଷୀ ସୁଶାନ୍ତ ସିଂ, ଭଗବାନ ଭତ୍ରା ଓ ପାରା ଫରେଷ୍ଟ୍ରୀ କର୍ମଚାରୀ ମୋତିରାମ ନାୟକ ଓ ଶେଖ ମାଟିନ ପ୍ରମୁଖ ଚଢାଉରେ ସାମିଲ ଥିଲେ ।

### ପାଣିରେ ବୁଡ଼ି ଶିଶୁକନ୍ୟା ଜୀବନ ଗଲା

ରୁପ୍‌ସା,୨୧।୮(ଡି.ଏନ୍.ଏ.)- ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅନ୍ତର୍ଗତ ବଳବୁଧି ଗ୍ରାମରେ ୧୧ମାସର ଶିଶୁକନ୍ୟା ଚାନ୍ଦିନୀ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତ ଶିଶୁ ହେଲେ ବିଶ୍ୱନାଥ ବେହେରାଙ୍କ କନ୍ୟା । ଅସାବଧାନତା ବଶତଃ ସେ ଘର ପାଖ ଏକ ପାଣି ଭର୍ତ୍ତି ଜମିରେ ପଡି ବୁଡ଼ି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପାଣିରୁ ଉଦ୍ଧାର କଲା ବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା। ବସ୍ତା ଥାନା ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୩୧/୧୯) ରୁଜୁ କରି ତଦନ୍ତ କରୁଥିବା କହିଛି।

■ ଜରାଜୀର୍ଣ୍ଣ ଅବସ୍ଥାରେ ଶବ ବ୍ୟବଚ୍ଛେଦ ଗୃହ

# ରୋଗୀ ବିଶ୍ରାମ ଗୃହରେ ହେଲା ମୃତଦେହ ବ୍ୟବଚ୍ଛେଦ

ଝରିଗାଁ,୨୧।୮(ସ୍ୱ.ପ୍ର)



ଡାକ୍ତରଖାନା ପରିସରରେ ଥିବା ରୋଗୀ ବିଶ୍ରାମ ଗୃହରେ ମୃତଦେହ ବ୍ୟବଚ୍ଛେଦ କରାଯାଉଛି ।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମାରେ ଥିବା ଶବ ବ୍ୟବଚ୍ଛେଦ ଗୃହ ବହୁ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସେଥିପାଇଁ ବୁଧବାର ୨ଟି ମୃତଦେହ ବ୍ୟବଚ୍ଛେଦ ସେଠାରେ ନ ହୋଇ ରୋଗୀ ବିଶ୍ରାମ ଗୃହରେ ହୋଇଥିଲା।

ମଙ୍ଗଳବାର ସନ୍ଧ୍ୟାରେ ଝରିଗାଁ ସଦର ମହକୁମାର ଉଦୁଲିଆଗୁଡା ସାହିର ଅଶୋକ ପାଇକ(୨୩) ବାଇକରେ ଜମିରୁ ଫେରୁଥିବା ସମୟରେ ତହରାକାରିଆଗୁଡା ନିକଟରେ ଭାରସାମ୍ୟ ହରାଇ ତଳେ ପଡିଯାଇ ଅଚେତ ହୋଇଯାଇଥିଲେ। ଗ୍ରାମବାସୀ ଅଶୋକଙ୍କୁ ଉଦ୍ଧାରକରି ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ତେଲନଦୀ ପଞ୍ଚାୟତ ଗୁଡିପଦର ନିକଟସ୍ଥ କରଞ୍ଜିଆ ସାହିର ସାଲିମଧର ଗୌଡ(୧୭) ବୁଧବାର ସକାଳେ ଗାଁ ନିକଟରେ ରହିଥିବା କେନ୍ଦୁ ଗଛରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିଲେ। ସାଲିମଧରଙ୍କ ବାପା ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଘଟଣାସ୍ଥଳେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ସକାଶେ ଝରିଗାଁ ଆଣିଥିଲେ। ପୂର୍ବରୁ ଶବ ବ୍ୟବଚ୍ଛେଦ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲେ ମଧ ଡାକ୍ତରମାନେ ବାଧ୍ୟବାଧ୍ୟକତାରେ ସେଠାରେ ବ୍ୟବଚ୍ଛେଦ କରୁଥିଲେ। କିନ୍ତୁ ଚଳିତ ବର୍ଷର ଲଗାଣ ବର୍ଷାରେ ସେହି ଜରାଜୀର୍ଣ୍ଣ ଶବ ବ୍ୟବଚ୍ଛେଦ ଗୃହ ମଧରେ ଉଇ ହୁଙ୍କା ହେବା ସହ ସାପଙ୍କ ରହିବା ସ୍ଥାନ ପାଲଟିଛି। ସେହି ସ୍ଥାନକୁ ଯିବା ସକାଶେ ଭଲ ରାସ୍ତା ମଧ ନାହିଁ। ଏପରିକି ମୃତଦେହ ରଖିବା ନେଇ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୃହ ନଥିବା ଯୋଗୁଁ ପରିବାର ଲୋକେ ରାତିସାରା ଅଶୋକଙ୍କ ମୃତଦେହକୁ ଧରି ରୋଗୀ ବିଶ୍ରାମ ଗୃହରେ ଆଶ୍ରୟ ନେଇଥିଲେ। ଏହାପରେ ଅଶୋକଙ୍କ ପରିବାର ଲୋକ ଶବ ବ୍ୟବଛେଦ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଯୋଗୁଁ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିବା ନେଇ ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧରୁଆଙ୍କୁ ଜଣାଇଥିଲେ। ରୋଗୀ କଲ୍ୟାଣ ସମିତି ବୈଠକରେ ଆଲୋଚନା କରାଯିବା ପରେ ତୁରନ୍ତ ମୃତଦେହ ବ୍ୟବଚ୍ଛେଦ ଗୃହ ନିର୍ମାଣ କରାଯିବ ବୋଲି ପ୍ରକାଶ କରିଥିଲେ। ଏହାପରେ ମୃତକଙ୍କ ପରିବାର ଏବଂ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରହିଥିବା ରୋଗୀ ବିଶ୍ରାମ ଗୃହରେ ଦୁଇ ମୃତଦେହକୁ ବ୍ୟବଛେଦ କରାଯାଇଥିଲା। ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟ ମାନେ ରୋଗୀ ବିଶ୍ରାମ ଗୃହରେ ମୃତଦେହ ବ୍ୟବଚ୍ଛେଦ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ।

■ ନବବଧୂଙ୍କୁ ହତ୍ୟା ଅଭିଯୋଗ ଘଟଣା

# ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର

ନବରଙ୍ଗପୁର,୨୧।୮(ବି.ପ୍ର.)–

ଝିଅ ରଶ୍ମିତା ସତନାମୀଙ୍କୁ ସ୍ୱାଇ ଓ ତାଙ୍କ ପରିବାର ଲୋକ ହତ୍ୟା କରିଥିବା ବାପା ଶ୍ରଦ୍ଧା ସତନାମୀ ନବରଙ୍ଗପୁର ଥାନାରେ ମଙ୍ଗଳବାର ଏତଲା ଦେଇଥିଲେ । ସ୍ୱାଇ ଧର୍ମରାଜ ନାୟକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଗାଁର ଚିଚିଆ ଗାଁର ଶ୍ରଦ୍ଧାନନ୍ଦ ଶତନାମୀଙ୍କ ଝିଅ ରଶ୍ମିତା ସତନାମୀ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ କାଡୁଆମ୍ବା ଗାଁର ଧର୍ମାନନ୍ଦ ନାୟକଙ୍କୁ ତିନିମାସ ତଳେ ବିବାହ କରିଥିଲେ। ସେ ନବରଙ୍ଗପୁର ଫରେଷ୍ଟ କଲୋନୀରେ ରହୁଛନ୍ତି । ମଙ୍ଗଳବାର ଅପରାହ୍ନରେ ସ୍ୱାଇ ଧର୍ମାନନ୍ଦ ଫୋନ କରି କହିଥିଲେ ଯେ, ତୁମ ଝିଅର ଦେହ ଖରାପ ଡାକ୍ତରଖାନା ନେଉଛି ଅତି ଶିଘ୍ର ଆସ । ସନ୍ଧ୍ୟା ସୁଦ୍ଧା ଝିଅର ମାଆ, ବାପା ଓ ସମ୍ପର୍କିୟ ନବରଙ୍ଗପୁର ଡାକ୍ତରଖାନା ଆସିବା ବେଳକୁ ରଶ୍ମିତାଙ୍କ ମୃତ ଦେହ ଦେଖିଥିଲେ । ଝିଅକୁ ହତ୍ୟା କରାଯାଇଥିବା ଶ୍ରଦ୍ଧାନନ୍ଦ ଥାନାରେ ଏତଲା ଦେଇଥିଲେ। ଏନେଇ ପୋଲିସ ନଂ ୧୬୫/୧୯ ଏକ ମାମଲା ରୁଜୁ କରିଥିଲା। ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର ପରେ ପୋଲିସ ଧର୍ମରାଜଙ୍କ ଘରକୁ ଯାଇ ପାଖ ପଡୋଶୀଙ୍କୁ ପଚରାଉଚରା କରିଥିଲେ । ମୃତଦେହ ବ୍ୟବଛେଦ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ଏସଡିପିଓ ବି.କେ. ନାୟକ, ଏସଆଇ ଦେବଦତ୍ତ ମଲ୍ଲିକ, ସୁଚିତ୍ରା ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ଚିକିତ୍ସାଧୀନ ୧୦ମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

ନବରଙ୍ଗପୁର,୨୧।୮(ବି.ପ୍ର.)



ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଅଧୀନ ଦଳେଇଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ବାସନ୍ତି ଜାନୀ (୧୪)ଙ୍କ ବୁଧବାର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ମୃତ୍ୟୁକୁ ନେଇ ସହପାଠୀ ଅନ୍ତେବାସୀ ମର୍ମାହତ ହୋଇ ପଡିଛନ୍ତି । ବାସନ୍ତୀଙ୍କୁ ଶୁକ୍ରବାର ଥଣ୍ଡା ହେବା ସହ ନିଶ୍ୱାସ ନେବାରେ କଷ୍ଟ ହୋଇଥିଲା । ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରାଯାଇଥିଲା । ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଦେଖା ଦେଇଥିଲା । ସୋମବାର ବାସନ୍ତୀଙ୍କ ସ୍ୱାସ୍ଥ୍ୟବସ୍ଥା ପୁଣି ବିଗିଡିବାରେ ଲାଗିଲା । ବିଦ୍ୟାଳୟ ପକ୍ଷରୁ ନବରଙ୍ଗପୁର ଜିଲା ସଦର ମହକମା ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ଶିକ୍ଷକ ରଜିତ ମହାନ୍ତି ରକ୍ତ ମଧ ଦେଇଥିଲେ । ପରେ କୋରାପୁଟ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ରେଫର କରାଯାଇଥିଲା । ବାସନ୍ତୀଙ୍କୁ ଏନିମିଆ ଓ ହେପାଟାଇଟିସ ହୋଇଥିବା ସେଠାରେ ଡାକ୍ତର ସନ୍ଦେହ କରିଥିଲେ । ପରେ ବିଭିନ୍ନ ପରୀକ୍ଷା ପରେ ଜଣାପଡିଥିଲା ଯେ ଯକୃତ ଜନିତ ରୋଗ ହୋଇଛି । ବ୍ରହ୍ମପୁର ମେଡିକାଲ କଲେଜକୁ ନେବା ପାଇଁ ପରାମର୍ଶ ଦେଇଥିଲେ । ତେବେ ଚିକିତ୍ସାଧିନ ଅବସ୍ଥାରେ ବାସନ୍ତି ବୁଧବାର ମଧ୍ୟାହ୍ନରେ ଆଖିବୁଜି ଦେଇଥିଲେ । ମରଶରୀରୁ ଅଣାଯାଇ ତାଙ୍କ ଗ୍ରାମ ତେନ୍ତୁଳିଖୁଣ୍ଟି ବ୍ଲକ କଣ୍ଟାଗାଁ ପଞ୍ଚାୟତ ହାଣ୍ଡିଗୁଡାରେ ସତ୍କାର କରାଯାଇଛି । ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଭୂପ୍ରସାଦ ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରି ସୁଦେଷ୍ଣା ପ୍ରଧାନ ସହ ଶିକ୍ଷକ ମାନେ ଶେଷ ଦର୍ଶନ କରିଥିଲେ। ତେବେ ବାସନ୍ତି ଷଷ୍ଠ ଶ୍ରେଣୀରୁ ଏହି ବିଦ୍ୟାଳୟରେ ପଢି ଆସୁଥିଲେ । ଏନେଇ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ଚିକିତ୍ସା କରାଯାଉଥିଲା । ଜଣେ ଛାତ୍ରୀ ଚିକିତ୍ସାଧିନ ଅବସ୍ଥାରେ ବିୟୋଗ ଘଟିଥିବାରୁ ସରକାରଙ୍କୁ ସହାୟତା ପାଇଁ ଜଣାଇ ଦିଆଯିବ ବୋଲି କହିଛନ୍ତି।

## ଏସ୍‌ପିଙ୍କୁ ବିଦାୟ ସମ୍ବର୍ଦ୍ଧନା ସହ ନୂତନ ଏସ୍‌ପିଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ

ମାଲକାନଗିରି,୨୧।୮ (ଡି.ଏନ୍.ଏ. /ସ୍ୱ.ପ୍ର.)

ମାଲକାନଗିରି ଜିଲା ଏସ୍‌ପି ଜଗମୋହନ ମୀନାଙ୍କୁ ବୁଧବାର ପୋଲିସ ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଦୁଇବର୍ଷରୁ ଊର୍ଦ୍ଧ୍ୱ କାଳ କାର୍ଯ୍ୟ କରିଥିବା ଏସ୍‌ପି ମୀନା ତାଙ୍କ ଚାକିରି କାଳ ମଧରେ ଜିଲାରେ ମାଓବାଦୀ ଦମନ ସହ ଆତ୍ମସମର୍ପଣକାରୀ ମାଓବାଦୀଙ୍କ ପାଇଁ ବହୁ ଯୋଜନା କରିଥିଲେ। ସେମାନଙ୍କୁ ପାଠପଢା ସୁଯୋଗ ଅନ୍ୟାନ୍ୟ ସୁବିଧା ଦେଇଥିଲେ। ମାଓବାଦୀ ଦମନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ସେ ରାଷ୍ଟ୍ରପତି ପଦକରେ ସମ୍ମାନିତ ହେବା ଲାଗି ମନୋନୀତ ହୋଇଛନ୍ତି। ସେହିପରି ମାଲକାନଗିରି ଜିଲାରେ ଯୋଗଦେଇଥିବା ନୂତନ ଏସପି ହ୍ରିଷିକେଶ ଡି. ଖିଲାରୀଙ୍କୁ ମଧ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ଥାନୀୟ ଡିପିଓ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପୋଲିସବାହିନୀ ପକ୍ଷରୁ ଏକ ଶୋଭାଯାତ୍ରାରେ ଏସ୍‌ପି ମୀନାଙ୍କୁ ସଭାସ୍ଥଳକୁ ଅଣାଯାଇଥିଲା । ସେଠାରେ ଅନୁଷ୍ଠିତ ବିଦାୟ କାଳୀନ ସଭାରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଆଇନ ସେବାପ୍ରାଧିକରଣ ସଚିବ ତଥା ବିଚାରପତି ଅମରେଶ ନାୟକ, ଚିତ୍ରକୋଣ୍ଡା ଏସ୍‌ଡିପିଓ ମାନସ ବାରିକ, ଚିତ୍ରକୋଣ୍ଡା ବିଏସ୍‌ଏଫ୍ ଅଷ୍ଟମ ବାଟାଲିୟନ କମାଣ୍ଡାଣ୍ଟ ଅମରେଶ କୁମାର ଆର୍ଯ୍ୟା, ଅତିରିକ୍ତ ଏସ୍‌ପି ଉଦ୍ଧବ ନାୟକ, ଉପଜିଲାପାଳ ରାମେଶ୍ୱର ପ୍ରଧାନ ଯୋଗଦେଇ ବିଦାୟୀ ଏସପି ମୀନାଙ୍କ କାର୍ଯ୍ୟକାଳ ସମ୍ପର୍କରେ ମତ ରଖିଥିଲେ। ତାଙ୍କ ସମୟରେ ମାଲକାନଗିରି ଜିଲାରେ ଶାନ୍ତିଶୃଙ୍ଖଳା ବଜାୟ ରହିବା ସହ ଜିଲାରେ ମାଓବାଦୀଙ୍କ କାର୍ଯ୍ୟକଳାପ ବହୁମାତ୍ରା କମିଥିଲା ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାର ସମସ୍ତ ଥାନାର ଆଇଆଇସି ଏବଂ ପୋଲିସ ଅଧିକାରୀଙ୍କ ସହ ବିଏସ୍‌ଏଫ୍ କ୍ୟାମ୍ପର ପଦାଧିକାରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶ୍ମଶାନରେ ଚାରାରୋପଣ କଲେ ଗ୍ରାମବାସୀ



ଗ୍ରାମବାସୀ ଚାରାରୋପଣ କରୁଛନ୍ତି ।

ଡାବୁଗାଁ, ୨୧।୮ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଜୁନାପାଣି ପଞ୍ଚାୟତ ଅଧୀନ ରାବଣାଗୁଡା ଗ୍ରାମବାସୀ ମଙ୍ଗଳବାର ଗ୍ରାମର ଶ୍ମଶାନରେ ଚାରାରୋପଣ କରିଛନ୍ତି। ଗ୍ରାମର କିଛି ଯୁବକମାନେ ଡାବୁଗାଁ ବନ ବିଭାଗ ନିକଟରୁ ଚାରା ନେଇ ଶ୍ମଶାନ ରେ ରୋପଣ କରିଥିଲେ । ଏଥିରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଧବଳୁ ଭତ୍ରା, ଧନପତି ଭତ୍ରା, ଲମ୍ବୁଧର, ଡମ୍ବରୁ, ଅଶାରାମ, ଭାଗୀରଥୀ, ଡୁମର ଓ ଭୁଜବଳ ପ୍ରମୁଖ ଯୁବକମାନେ ଉପସ୍ଥିତ ରହି ଚାରା ରୋପଣ କରିଥିଲେ ।

## ପୁରୁଣାପାଣି ଘାଟିରେ ଓଲଟିଲା ବୋଲେରୋ

ପାଣ୍ଡ୍ରିପାଣି,୨୧।୮ (ଡି.ଏନ୍.ଏ.)



ଓଲଟି ପଡିଥିବା ବୋଲେରୋ ।

ମାଲକାନଗିରି-ଜୟପୁର ୩୨୬ ନଂ. ଜାତୀୟ ରାଜପଥ ପୁରୁଣାପାଣି ଘାଟିରେ ବୁଧବାର ସକାଳେ ଏକ ବୋଲେରୋ (ଓଡି-୩୦ବି-୮୦୪୧) ଓଲଟିପଡିଛି। ବୋଲେରୋଟି ମାଲକାନଗିରି ଅଭିମୁଖେ ଦ୍ରୁତଗତିରେ ଯାଉଥିବାବେଳେ ଭାରସାମ୍ୟ ହରାଇ ଘାଟିରାସ୍ତାର ଡାହାଣ ପାର୍ଶ୍ୱରେ ଥିବା ଏକ ଗଛକୁ ଧକ୍କା ଦେଇ ପ୍ରାୟ ୨୦ଫୁଟ ତଳକୁ ଓଲଟିପଡିଛି। ଗାଡି ଭିତରେ କିମ୍ବା ବାହାରେ ଡ୍ରାଇଭର କିମ୍ବା କୌଣସି ମୃତାହତ ବ୍ୟକ୍ତି ଦେଖିବାକୁ ମିଳିନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଉକ୍ତ ବୋଲେରୋରେ କେବଳ ଡ୍ରାଇଭର ଥିବା ସେମାନେ ଦେଖିଛନ୍ତି। ଦୁର୍ଘଟଣା ସ୍ଥାନରୁ ଗୋଟିଏ ଚିଠି ମିଳିଛି। ଉକ୍ତ ଚିଠିର ଗୋଟିଏ ପାର୍ଶ୍ୱରେ ଜିଲାପାଳ ଆରଡବ୍ଲ୍ୟୁଏସଏସ ନିର୍ବାହୀଯନ୍ତ୍ରୀଙ୍କୁ ତା-୧୨।୧୨।୨୦୧୮ରେ ଖଇରପୁଟ ବ୍ଲକ ମୁଦୁଲିପଡା ପଞ୍ଚାୟତରେ ସଚେତନତା କ୍ୟାମ୍ପକୁ ୨୦।୧୨।୨୦୧୮ରେ ଗାଡି ପଠାଇବା ପାଇଁ ଉଲେଖ ରହିଛି। ଚିଠିର ଅନ୍ୟ ପାର୍ଶ୍ୱରେ ଆରଡବ୍ଲ୍ୟୁଏସଏସ ନିର୍ବାହୀଯନ୍ତ୍ରୀ ତା୧୯।୧୨।୨୦୧୮ରେ ବୋଲେରୋ ଡ୍ରାଇଭର ଦିଲୀପ ସିଲଙ୍କ ନାମରେ ମୁଦୁଲିପଡା ପଞ୍ଚାୟତକୁ ବୋଲୋରୋ ନେବା ପାଇଁ ଚିଠିରେ ଉଲେଖ ଅଛି। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବୋଲେରୋ ଥାନାକୁ ନେଇ ଏହାର ତଦନ୍ତ ଜାରି ରଖିଛି।

# ଶିଳ୍ପୋଦ୍ୟୋଗୀ ତାଲିମ ଉଦ୍‌ଯାପିତ




ଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

ନବରଙ୍ଗପୁର,୨୧।୮୯ବି.ପ୍ର.)

ଶିଳ୍ପ ଉଦ୍ୟୋଗୀ ବିକାଶ ପ୍ରତିଷ୍ଠାନ ପକ୍ଷରୁ କୋଣାର୍କ ଆଇଟିଆଇ ଠାରେ ଶିଳ୍ପ ଉଦ୍ୟୋଗୀ ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି । ଦୀର୍ଘ ଦୁଇ ସପ୍ତାହଧରି ତାଲିମ ନେଇଥିବା ୩୦ଜଣ ଉଦ୍ୟୋଗୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା, ବ୍ୟାଙ୍କ ଓ କୃଷି ବୀମା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଏ.ବାଣେଶ୍ୱର ରାଓ ସୁବୁଦ୍ଧି ଯୋଗଦେଇ ଶିଳ୍ପପ୍ରତିଷ୍ଠା ପାଇଁ ରହିଥିବା ବିଭିନ୍ନ ସହାୟତା ସମ୍ପର୍କରେ ଅବଗତ କରାଇଥିଲେ । ସହକାରୀ ପରିଚାଳକ ଲିଙ୍ଗରାଜ ଖଣ୍ଡପାନ, ବିକାଶ ପ୍ରତିଷ୍ଠାନର ଫେସିଲିଟେଟର ଶ୍ରୀନିବାସ ରାଓ, କୋଣାର୍କ ଆଇଟିଆଇର ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅଧ୍ୟାପକ ପ୍ରଦୀପ ପଟ୍ଟନାୟକ, ଶିଳ୍ପ ବିକାଶ ଅଧିକାରୀ କେ.ବିକ୍ରମରାଜୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚିତ୍ରକୋଣ୍ଡା: ଫେଲ ମାରିଛି ମହୁ ଚାଷ କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୨୧।୮(ଡି.ଏନ୍.ଏ.)



■ ପ୍ରତ୍ୟେକଙ୍କୁ ମିଳିଥିଲା ୧୦ଟି ମହୁ ସଂଗ୍ରହ ବାକ୍ସ

■ ତାଲିମର ଦେଢବର୍ଷ ବିତିଲାଣି

■ ମହୁମାଛି ଯୋଗାଇ ଦେଉନି ଜିଲା ଶିଳ୍ପକେନ୍ଦ୍ର

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳରେ ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ହୋଇଥିବା ମହୁଚାଷ ସମ୍ପର୍କିତ କାର୍ଯ୍ୟକ୍ରମ ଫେଲ୍ ମାରିଛି। ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ମହୁଚାଷ ଉପରେ ତାଲିମ ଦେଇ ସେମାନଙ୍କୁ ମହୁଚାଷରେ ନିୟୋଜିତ କରି ରୋଜଗାରକ୍ଷମ କରିବା ନେଇ ବ୍ୟବସ୍ଥା ହୋଇଥିଲା। ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଦୋରାଗୁଡା ପଞ୍ଚାୟତର ଗଉଡ଼ଗୁଡାଇ ଓ ଥାଟମାନଗୁଡା ଗ୍ରାମର ୫୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ବଡପଦର ପଞ୍ଚାୟତର ୫୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ୧୦ ଦିନ ଲେଖାଏ ତାଲିମ ପ୍ରଦାନ କରାଯାଇଥିଲା। ତାଲିମ ପରେ ପ୍ରତ୍ୟେକ ମହିଳାଙ୍କୁ ୧୦ଟି ଲେଖାଏ ମହୁ ସଂଗ୍ରହ ବାକ୍ସ ପ୍ରଦାନ କରାଯାଇଥିଲା। ଇତି ମଧ୍ୟରେ ଦେଢ଼ ବର୍ଷ ବିତିଯାଇଥିଲେ ମଧ ଜିଲା ଶିଳ୍ପକେନ୍ଦ୍ର ସମ୍ପୃକ୍ତ ମହିଳାଙ୍କୁ ମହୁମାଛି ଯୋଗାଇ ଦେଇନାହିଁ। ଫଳରେ ସେମାନେ ମହୁ ସଂଗ୍ରହ କରିପାରୁନାହାନ୍ତି। ମହୁ ସଂଗ୍ରହ ବାକ୍ସଗୁଡିକ ଏବେ ଏଣେ ତେଣେ ପଡି ନଷ୍ଟ ହେବାକୁ ବସିଲାଣି। ଏ ସମ୍ପର୍କରେ ଜିଲା ଶିଳ୍ପ କେନ୍ଦ୍ର ଜେନେରାଲ ମ୍ୟାନେଜର ଗଣେଶ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କହିଲେ ଯେ, କେତେକ ସମସ୍ୟା ଥିବାରୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ମହୁମାଛି ଯୋଗାଇ ଦେଇ ହୋଇନାହିଁ। ଏବେ ମହୁମାଛି ଅଣାଯାଇ ସୁନାବେଡାରେ ରଖାଯାଇଛି। ଏହାକୁ ଖୁବ୍‌ଶୀଘ୍ର ମାଲକାନଗିରି ଅଣାଯାଇ ଚିତ୍ରକୋଣ୍ଡା ଅଞ୍ଚଳର ମହିଳାମାନଙ୍କୁ ପ୍ରଦାନ କରାଯିବ।

# ବିଚ୍ଛିନ୍ନାଞ୍ଚଳ ଜୀବନ କାଟୁଛନ୍ତି ଅଟାଳଗୁଡାବାସୀ

**ଦାଉ ସାଧୁଛି ଧର୍ମଧାରା ନଦୀ**

■ ମିଳିଥିବା ଡଙ୍ଗା ଏବେ ଅଚଳ

■ ସରକାରଙ୍କ ନିକଟକୁ ପ୍ରପୋଜାଲ ଯାଇଛି

ମାଲକାନଗିରି,୨୧।୮(ସ୍ୱ.ପ୍ର.)–



ନଦୀରେ ପଶି ଲୋକମାନେ ଯାତାୟାତ କରୁଛନ୍ତି ।

ମାଲକାନଗିରି ଜିଲାର ଏପରି ଏକ ଗ୍ରାମ ରହିଛି ଯେଉଁଠି ଲୋକେ ଏପର୍ଯ୍ୟନ୍ତ ନିଜର ମୌଳିକ ସୁବିଧାରୁ ବଞ୍ଚିତ ହୋଇରହିଛନ୍ତି। ସେମାନଙ୍କ ପାଖରେ କୌଣସି ସରକାରୀ ଯୋଜନା ପହଞ୍ଚିପାରିନାହିଁ। ସରକାରୀ ଯୋଜନା ପହଞ୍ଚିବା କ୍ଷେତ୍ରରେ ଦାଉ ସାଜୁଛି ଧର୍ମଧାରା ନଦୀ। ଏହି ନଦୀ ପାଇଁ ଲୋକେ ବିଚ୍ଛିନ୍ନାଞ୍ଚଳ ଭାବେ ଜୀବନଯାପନ କରୁଛନ୍ତି। ସ୍କୁଲ, କଲେଜ ଛାତ୍ରୀଛାତ୍ରମାନେ ନଦୀପାର ହୋଇ ବିଦ୍ୟାଳୟ ଓ କଲେଜକୁ ପଢିବାକୁ ଯାଉଛନ୍ତି। ଜିଲାର ମାଥିଲି ବ୍ଲକର ଧୁଙ୍ଗିଆପୁଟ ପଞ୍ଚାୟତର ଅଟାଳଗୁଡା ଗ୍ରାମର ଗ୍ରାମବାସୀ ଏପରି ଦୁର୍ଦ୍ଦଶା ଭୋଗୁଛନ୍ତି। ନିଜର ଦୈନନ୍ଦିନ କାର୍ଯ୍ୟ ପାଇଁ ଗ୍ରାମବାସୀ ସବୁଦିନ ନଦୀ ପାର ହେଉଛନ୍ତି। ଚାଷ କରି ଚଳୁଥିବା ଏହି ଗ୍ରାମର ୭୦ ପରିବାରର ୩ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନଧାରା ଯେପରି ଧର୍ମଧାରା ନଦୀ ପାଖରେ ବନ୍ଧା ପଡିଛି। ଗ୍ରାମରେ ପ୍ରାଥମିକ ଶିକ୍ଷା ପାଇଁ ୫ମ ଶ୍ରେଣୀ ଯାଏ ବିଦ୍ୟାଳୟ ରହିଛି। ୫ମ ପରେ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ଅଭିଭାବକମାନେ ଗୋବିନ୍ଦପାଲ୍ଲୀ ଓ ମାଥିଲି ଉପରେ ନିର୍ଭର କରନ୍ତି। ସରକାର କେବଳ ଗୋଟିଏ ମାତ୍ର ଡଙ୍ଗା ଯୋଗାଇ ଦେଇ ନୀରବ ରହିଛନ୍ତି। ଏବେ ଡଙ୍ଗା ଅଚଳ ହୋଇପଡିରହିଛି, ଲୋକେ ଭରା ନଦୀରେ ପାଣି ଭିତରେ ପଶି ଯାତାୟାତ କରୁଛନ୍ତି। ନଦୀ ଉପରେ ପୋଲଟିଏ ତିଆରି କରିବାକୁ ପ୍ରଶାସନ ନାଁ ଧରୁନି। ଏ ସମ୍ପର୍କରେ ବିଡ଼ିଓ ଆଶିଷ କୁମାର ଭୋଇଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ବ୍ଲକର ଏଭଳି କେତୋଟି ଗ୍ରାମ ପାଣି ଘେରରେ ଥିବା ଖବର ରଖିଛି। ଧର୍ମଧାରା ନଦୀ ଉପରେ ପୋଲ ନିର୍ମାଣ ପାଇଁ ଆରଡି ଡିପାର୍ଟମେଣ୍ଟ ପକ୍ଷରୁ ସରକାରଙ୍କ ନିକଟକୁ ପ୍ରୋପଜାଲ ଯାଇଛି। ଟଙ୍କା ମଞ୍ଜୁର ହେଇନି। ଟଙ୍କା ଆସିଲେ ସେହି ସ୍ଥାନରେ ପୋଲ ନିର୍ମାଣ କାମ ଆରମ୍ଭ ହେବ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ଅଗଷ୍ଟ ୨୨/୨୦୧୯ Rayagada, Thursday, August 22 / 2019




# ଗରିମା ଆୱାର୍ଡ ପାଇଁ ସର୍ବେକ୍ଷଣ

■ ବ୍ଲକରେ ୩ ଟିମ୍ କରୁଛନ୍ତି ଯାଞ୍ଚ
■ ୩୯ ବିଦ୍ୟାଳୟ ହୋଇଛନ୍ତି ସାମିଲ୍

କାଲିମେଲା,୨୧।୮(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଭେଙ୍କଟାପଲମ ପଞ୍ଚାୟତର ମାଙ୍ଗିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବିଭାଗ ତରଫରୁ ବିଦ୍ୟାଳୟକୁ ଗରିମା ଆୱାର୍ଡ ପ୍ରଦାନ ପାଇଁ ସର୍ବେକ୍ଷଣ ଆରମ୍ଭ ହୋଇଛି । ଏହି ସର୍ବେକ୍ଷଣ ପାଇଁ ବିଦ୍ୟାଳୟରେ ସର୍ବେକ୍ଷଣ ଟିମ୍ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଟିମ୍‌ରେ କାଲିମେଲା ଏବିଇଓ ଅସିତ ମିସ୍ତ୍ରୀ, ସିଆରସିସି ରଞ୍ଜିତ ସରକାର, ଚିତ୍ରାଙ୍ଗପାଲି ସିଆରସିସି ଅରୁଣ କୁମାର ବେହେରା, ଏବିଇଓ ରବୀନ୍ଦ୍ରନାଥ ଧର, ଚିନ୍ତାହରଣ ମଧୁ, ସିଆରସିସି ନିକୁଞ୍ଜ ମଣ୍ଡଳ, ପ୍ରଦୀପ କୁମାର ତାପାଲି, ବିଘ୍ନରାଜ ସାହୁ, ଦାମୋଦର ଢୁରୁକା ପ୍ରମୁଖ ରହିଛନ୍ତି। ସେମାନେ ବିଦ୍ୟାଳୟରେ ପହଞ୍ଚି ପାଠ୍ୟ ଖସଡ଼ା ଅନୁସାରେ ପାଠ ପଢାଯାଉଛି କି ନାହିଁ, ଶିକ୍ଷାର ଗୁଣାତ୍ମକ ମାନ, ଛାତ୍ରୀଛାତ୍ର ଶିକ୍ଷକଙ୍କ ଉପସ୍ଥାନ ଯାଞ୍ଚ,ଶିକ୍ଷକମାନଙ୍କ ଦୈନନ୍ଦିନ ପାଠ୍ୟ ଟୀକା ଯାଞ୍ଚ, ଛାତ୍ରୀଛାତ୍ରଙ୍କ ସଂଶୋଧନ କାର୍ଯ୍ୟ ସହ ବିଦ୍ୟାଳୟର ଶୃଙ୍ଖଳା ପରିବେଶକୁ ଦେଖିଥିଲେ। ଏଥିସହ ବିଦ୍ୟାଳୟରେ ରହିଥିବା ଡାଇସକୋଡ, ପ୍ରଧାନଶିକ୍ଷକଙ୍କ ନାମ, ଛାତ୍ରୀଛାତ୍ରଙ୍କ ଉପସ୍ଥାନ,ଲେସନ ପ୍ଲାନ ଆଦି ଯାଞ୍ଚ କରିଥିଲେ। ସର୍ବେକ୍ଷଣ ଟିମ୍ ଏହି ସବୁ ତଥ୍ୟକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବେ। ମନୋନୀତ ହେଲେ ସରକାରଙ୍କ ପକ୍ଷରୁ ବିଦ୍ୟାଳୟକୁ ପୁରସ୍କାର ମିଳିବ ବୋଲି ଜଣେ ଅଧିକାରୀ କହିଛନ୍ତି। ତେବେ ମାଙ୍ଗିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିବେଶଠାରୁ ଆରମ୍ଭ କରି ଶିକ୍ଷାଦାନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଉଚ୍ଚମାନର ଥିବା ଯାଞ୍ଚରେ ଯାଇଥିବା ଟିମ୍ ସ୍ୱୀକାର କରିଛନ୍ତି। ୨୦୧୭-୧୮ ଶିକ୍ଷାବର୍ଷରେ ଏହି ବିଦ୍ୟାଳୟରେ ତୃତୀୟ ଶ୍ରେଣୀ ପାଇଁ ୭ ଜଣ ଛାତ୍ରୀଛାତ୍ର ବୃତ୍ତି ପାଇଥିବାବେଳେ ୫ମ ଶ୍ରେଣୀରେ ୨ ଜଣ ବୃତ୍ତି ପାଇଥିଲେ । ଏଥିସହ ଆଦର୍ଶ ବିଦ୍ୟାଳୟରେ-୨ ଜଣ, ନବୋଦୟରେ ଜଣେ, କଳିଙ୍ଗ ଭାରତୀରେ ଜଣେ ମନୋନୀତ ହୋଇ ଉଚ୍ଚଶିକ୍ଷା ପାଇଁ ଯାଇଥିବା ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। କାଲିମେଲା ବ୍ଲକରେ ଥିବା ଭେଙ୍କଟାପଲମ ପଞ୍ଚାୟତରେ-୧, କାଲିମେଲା ପଞ୍ଚାୟତରେ-୬, ଗମ୍ପାକୋଣ୍ଡା ପଞ୍ଚାୟତରେ-୩, ଗୁମୁକା ପଞ୍ଚାୟତରେ ୬, ଚିତ୍ରାଙ୍ଗପାଲି ପଞ୍ଚାୟତରେ-୩, କୁର୍ମାନୁର ପଞ୍ଚାୟତରେ-୧, ଚିନ୍ତଲବାଡା ପଞ୍ଚାୟତରେ-୮, କାଙ୍ଗୁରୁକୋଣ୍ଡା ପଞ୍ଚାୟତରେ-୨, ଗିରକାନପାଲ୍ଲୀ ପଞ୍ଚାୟତରେ-୨, ଉଣ୍ଡୁକୋଣ୍ଡା ପଞ୍ଚାୟତରେ-୨, ଲୁଗେଲ ପଞ୍ଚାୟତରେ-୨, ମହାରାଜପାଲ୍ଲୀ ପଞ୍ଚାୟତରେ-୨,ମାଲାଭରମ ପଞ୍ଚାୟତରେ ଗୋଟିଏ ବିଦ୍ୟାଳୟର ସର୍ବେକ୍ଷଣ ହୋଇଛି। ଏଥିପାଇଁ ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇ ଯାଞ୍ଚ ପ୍ରକ୍ରିୟା ଚାଲିଛି । ପ୍ରଥମ ଦିନରେ ଭେଙ୍କଟାପଲମ ପଞ୍ଚାୟତର ମାଙ୍ଗିପାଲି, ଟିଗଲ ପଞ୍ଚାୟତର ୟୁ.ଜି.ଏଚ.ଏସ ଏମଭି-୬୫ ଓ କାଲିମେଲା ଏମଭି-୯୦ ବିଦ୍ୟାଳୟରେ ଯାଞ୍ଚ ଚାଲିଛି ।


ବିଦ୍ୟାଳୟକୁ ଆସିଥିବା ସର୍ବେକ୍ଷଣ ଟିମ୍।




# ଡ୍ରୋନ କ୍ୟାମେରା ଧରାପକାଇଲା ମାଓବାଦୀଙ୍କ ରଣନୀତି

**ଦୁର୍ଘଟଣାରୁ ବର୍ତ୍ତିଲେ ଯବାନ**

ମାଲକାନଗିରି,୨୧।୮(ସ୍ୱ.ପ୍ର.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡା ଅରଣପୁରରେ ଡ୍ରୋନ କ୍ୟାମେରା ଯୋଗୁ ଯବାନ ଏକ ନିଶ୍ଚିତ ବିପଦରୁ ରକ୍ଷା ପାଇଯାଇଛନ୍ତି। ଅରଣପୁର ଅଞ୍ଚଳରେ ମାଓବାଦୀମାନେ ରାସ୍ତା କାଟିବା ସହ ଆଇଡି ଲଗାଉଥିବା ବେଳେ ଏହାକୁ ସିଆରପିଏଫ ଯବାନମାନେ ଡ୍ରୋନ କ୍ୟାମେରା ଯୋଗେ ଦେଖିବାକୁ ପାଇଥିଲେ। ସେମାନେ ସତର୍କତାର ସହ କୋମ୍ବିଂ ଅପରେଶନ କରି ପୋତା ଯାଇଥିବା ୩ଟି ଆଇଡିକୁ ଜବତ କରି ସୁରକ୍ଷିତ ଭାବେ ଫେରି ଆସିଥିଲେ। ମାଓବାଦୀଙ୍କୁ ଦମନ ପାଇଁ ସୀମାନ୍ତ ଛତିଶଗଡ଼ରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ଯବାନଙ୍କ ନୂଆ ରଣନୀତି ଯୋଗୁ ସେମାନେ ଫେଲ୍ ମାରୁଛନ୍ତି। ସେମାନେ ରହୁଥିବା ଅଞ୍ଚଳ ଖାଲି କରି ଚାଲିଯାଉଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ



### ମନ୍ତ୍ରୀଙ୍କ ସ୍କୁଲ ପରିଦର୍ଶନ

ଗୁଣପୁର,୨୧।୮(ଡି.ଏନ୍.ଏ): ଅନୁସୂଚିତ ଜାତି, ଜନଜାତି,ପଛୁଆବର୍ଗ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ବୁଧବାର ଗୁଣପୁର ଏବଂ ରାମନାଗୁଡା ବ୍ଲକ ଗସ୍ତ କରି ବିଭିନ୍ନ ସ୍କୁଲ ପରିଦର୍ଶନ କରିଛନ୍ତି। ସେଠାରେ ପିଲାଙ୍କ ସହ ଆଲୋଚନା କରି ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ସେହିପରି ଶିକ୍ଷକ ଏବଂ ଅଧିକାରୀମାନଙ୍କ ସହ ମଧ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

### ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର, ଗୋଷ୍ଠୀ ଗୃହ ଉଦ୍‌ଘାଟିତ



ମୁନିଗୁଡା, ୨୧।୮ (ଡି.ଏନ୍.ଏ.): ମୁନିଗୁଡା ବ୍ଲକ ହାଟଦହିଖାଲ ସର୍ବେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ବୁଧବାର ପୁନରୁଥାନ ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ପରିଚାଳିତ ବେଦାନ୍ତ ହସ୍ପିଟାଲ ପକ୍ଷରୁ ନିଃଶୁଳ୍କକ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଛି। ଏଥିସହ ଏକ ଗୋଷ୍ଠୀ ଗୃହ ଉଦ୍‌ଘାଟନ କରାଯାଇଛି। ସ୍ୱାସ୍ଥ୍ୟ ଶିବିରରେ ଡା. ଅକ୍ଷୟ କୁମାର ସାହୁ, ଡା. ଶିବ ଆଚାର୍ଯ୍ୟ, ଡା. ସୁନିଲ ତରାଇ, ଡା. ଇନ୍ଦ୍ର କୁମାର, ଡା. ପି.କେ. ପରମାଣିକ, ଡା. ଲୋକନାଥ ପଣ୍ଡା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।ନିତେଶ ପୁରୋହିତ, ଅମର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୨୫୦ରୁ ଊର୍ଦ୍ଧ୍ୱ ରୋଗୀ ଶିବିରରୁ ଉପକୃତ ହୋଇଛନ୍ତି। ସେହିପରି ବେଦାନ୍ତ ଲିଃ ଆର୍ଥିକ ସହାୟତାରେ ନିର୍ମିତ ଗୋଷ୍ଠୀ କେନ୍ଦ୍ରକୁ କମ୍ପାନୀ ମୁଖ୍ୟ ପରିଚାଳନା ଅଧିକାରୀ ରାକେଶ ମୋହନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ତାଙ୍କ ସହିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା, ଶିବପଦର ସରପଞ୍ଚ ଭବାନୀ ଜାକେସିକା, ପୂର୍ବତନ ସମିତି ସଭ୍ୟ ମାୟାଧର ଆମ୍ବାଡି, ପୂର୍ବତନ ସରପଞ୍ଚ ଚନ୍ଦ୍ରଶେଖର ବେହେରା, କମ୍ପାନୀ ମାନବ ସମ୍ବଳ ମୁଖ୍ୟ ହେମନ୍ତ କୁମାର ଭାଟିଆ, ସିଏସ୍‌ଆର ମୁଖ୍ୟ ହରମିତ୍ ସେହରାଙ୍କ ସମେତ ଅନ୍ୟ ପ୍ରତିନିଧି ଏବଂ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ମନ୍ଦିର ପରିସରରେ ଚାରାରୋପଣ କରିଥିଲେ।

### ମାଇନୋରିଟି କମ୍ୟୁନିଟି ବୈଠକ

ରାୟଗଡ଼ା ଅଫିସ,୨୧।୮: ନୋରାନୀ ଜୋମା ମସଜିଦ୍ ସଭାଗୃହରେ ଏଚପି ରୁରାଲ ଏଣ୍ଟର ପ୍ରିନିୟରସିପ୍ ଡ଼େଭଲପ୍‌ମେଣ୍ଟ କନ୍‌ସଲଟାନସି ଅର୍ଗାନାଇଜେଶନ ପକ୍ଷରୁ ମଙ୍ଗଳବାର, ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ମାଇନୋରିଟିମାନଙ୍କ ମଙ୍ଗଳ ପାଇଁ ଥବବା ବିଭିନ୍ନ ଯୋଜନା ବିଷୟରେ ସଚେତନତା କରାଯାଇଥିଲା। ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଲ ନୁରାନୀ ଜମା ମସଜିଦ ସଭାପତି ଜଲାଲି ଖାନ, ଡ଼ାଇରେକ୍ଟର ରାକେଶ ରାଣା, ଜିତେନ୍ଦ୍ର ଅତ୍ରି, ସନ୍ଦିପ ମାନୋତ୍ରା ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭାରତ ସରକାରଙ୍କ ମାଇନୋରିଟି କମ୍ୟୁନିଟି ଛାତ୍ରୀଛାତ୍ରଙ୍କୁ ସ୍କଲାରଶିପ୍ ଦିଆଯାଇଛି। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ।

# ସମିତି ସଭ୍ୟ, ଜିଲାପରିଷଦ ସଭ୍ୟ ହାତାହାତି

## ଜିଲା ପରିଷଦ ସଭ୍ୟ ମାଡ ମାରିଥିବା ନେଇ ଥାନାରେ ଏତଲା ଦେଲେ ସମିତି ସଭ୍ୟ

ଗୁଣପୁର,୨୧।୮(ଡି.ଏନ୍.ଏ.)

**ଗୁଣପୁର ପଞ୍ଚାୟତ ସମିତି ବୈଠକ**



ବୈଠକରେ ଅଶ୍ୱିନୀ ଓ ଶ୍ରୀଧର ହାତାହାତି ହେଉଛନ୍ତି।

ଦୀର୍ଘ ୧୦ମାସ ପରେ ବୁଧବାର ଗୁଣପୁର ପଞ୍ଚାୟତ ସମିତି ବୈଠକ ବସିଥିଲା। ସ୍ଥାନୀୟ ଅଞ୍ଚଳର ବହୁ ଉନ୍ନୟନ ପ୍ରସଙ୍ଗ ଏଥିରେ ଆଲୋଚନା ହେବାର ଥିଲା। କିନ୍ତୁ କୋରମ ନ ଥାଇ ବିଡିଓ କିପରି ବୈଠକ କରୁଛନ୍ତି ବୋଲି ଅଭିଯୋଗ ଉଠାଇଥିଲେ ଜଣେ ସମିତି ସଭ୍ୟ। ଏଥିରୁ ସୃଷ୍ଟ ବିବାଦ ତେଜିବା ସହ ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟ ହାତାହାତି ହୋଇଛନ୍ତି। ଏବେ ଏହି ଗଣ୍ଡଗୋଳ ଥାନାରେ ପହଞ୍ଚିଛି।

ପ୍ରକାଶ ଯେ, ଗତ ଅକ୍ଟୋବର ୧୫ରେ ପଞ୍ଚାୟତ ସମିତି ବୈଠକ ହେବାର ଦୀର୍ଘ ୧୦ ମାସ ବ୍ୟବଧାନ ପରେ ବୁଧବାର ପୁଣିଥରେ ବୈଠକ ଡକାଯାଇଥିଲା। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ବ୍ଲକ ଅଧ୍ୟକ୍ଷା ଦେବକୀ ଗମାଙ୍ଗ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ, ଭାରପ୍ରାପ୍ତ ବିଡିଓ ଅଗସ୍ତି ପ୍ରଧାନ, ବ୍ଲକ ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ଜାନୀ, ଗ୍ରାମ୍ୟ ଜଳ ଓ ପରିମଳ ଯୋଜନା ସହକାରୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ବେହେରା, ବ୍ଲକ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପତିତପାବନ ବିଶୋୟୀ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ସେମାନଙ୍କ ବ୍ୟତୀତ ବ୍ଲକ ଅଧ୍ୟକ୍ଷା ତଥା ଟିଟିମିରି, ଜଲତାର, ଭୀମପୁର, ରେଗେଡା ଏବଂ କୁଲୁସିଂର ସମିତି ସଭ୍ୟମାନେ ମଧ ଯୋଗ ଦେଇଥିଲେ। ସେହିପରି ଶିରିଝୋଲି, କୁଲୁସିଂ, ପୁଟାସିଂ ଏବଂ ବାଗଶଳାର ସରପଞ୍ଚ ଏପରି ୪ ଜଣ ସରପଞ୍ଚ ଉପସ୍ଥିତ ଥିଲେ। ଗୁଣପୁର ବ୍ଲକର ୧୯ ସରପଞ୍ଚ ଏବଂ ସମିତି ସଭ୍ୟଙ୍କ ସଂଖ୍ୟା ୩୮ ହୋଇଥିବାବେଳେ ମାତ୍ର ୯ ଜଣ ଉପସ୍ଥିତ ଥିଲେ। ବିଡିଓ ବୈଠକ ଆରମ୍ଭ କରିବାରେ ବିଳମ୍ବ କରିବାରୁ ଅଧ୍ୟକ୍ଷା ଦେବକୀ ଗମାଙ୍ଗ ବ୍ୟକ୍ତିଗତ କାମ ଥିବା କହି ଚାଲି ଯାଇଥିଲେ। ଅଧ୍ୟକ୍ଷା ଯିବା ପରେ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ କହିବାରୁ ବିଡିଓ ବୈଠକ ଆରମ୍ଭ କରିଥିଲେ। ବିଧାୟକ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ଘନାନ୍ତ୍ରୀ ସମିତି ସଭ୍ୟ ଶ୍ରୀଧର ଶବର ହଠାତ୍ ପହଞ୍ଚି କୋରମ ନ ଥିବାବେଳେ ବୈଠକ କିପରି କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଏହାକୁ ତୁରନ୍ତ ବାତିଲ କରିବାକୁ ସେ ଦାବି କରିଥିଲେ। ରେଗେଡା ସମିତି ସଭ୍ୟ ବାଳି ଗମାଙ୍ଗ ବୁଝାଶୁଝା କରିଥିଲେ ମଧ ଶ୍ରୀଧର ନିଜ ଜିଦ୍‌ରେ ଅଟଳ ରହିଥିଲେ। ଏହି ସମୟରେ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ ଉତ୍‌କ୍ଷିପ୍ତ ହୋଇପଡି ଶ୍ରୀଧରଙ୍କୁ ମାଡ ମାରିବାରୁ ଉତ୍ତେଜନା ବଢିବା ସହ ଉଭୟ ହାତାହାତି ହୋଇଥିଲେ। ଶ୍ରୀଧର ଅଧିକାଂଶ ସମୟରେ ଏପରି ବିଭ୍ରାଟ ଏବଂ ଅଯଥାରେ ଗହଳି କରୁଛନ୍ତି ବୋଲି ଅଶ୍ୱିନୀ ଅଭିଯୋଗ କରିଥିଲେ। ପରିସ୍ଥିତି ଜଟିଳ ହେଉଥିବା ଲକ୍ଷ୍ୟ କରି ବିଡିଓ ଶେଷରେ ବୈଠକକୁ ଅଧାରେ ବାତିଲ କରିଥିଲେ। ଅଶ୍ୱିନୀଙ୍କ ନାମରେ ଶ୍ରୀଧର ଏତଲା ଦେଇଥିବା ଗୁଣପୁର ଥାନା ଆଇଆଇସି ରଶ୍ମୀରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ବିଡିଓଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ପାଇଁ ଏପରି ସ୍ଥିତି ଉପୁଜି ଥିଲା ବୋଲି ଅଭିଯୋଗ ହୋଇଛି।



ଜବରଦଖଲ ଉଚ୍ଛେଦ କରାଯାଉଛି।

## ରେଲୱେ ପକ୍ଷରୁ ଜବରଦଖଲ ଉଚ୍ଛେଦ

ରାୟଗଡ଼ା ଅଫିସ,୨୧।୮

ରାୟଗଡ଼ା ରେଳ ଷ୍ଟେଶନ ସମ୍ମୁଖସ୍ଥ ଜବରଦଖଲକାରୀଙ୍କୁ ଜିଲା ଅଦାଲତ ନିର୍ଦ୍ଦେଶକ୍ରମେ ବୁଧବାର ରେଳ ବିଭାଗ ଉଚ୍ଛେଦ କରିଛି। ଉଚ୍ଛେଦ କାର୍ଯ୍ୟରେ ରେଲୱେ ପୋଲିସ ଏବଂ ଓଡ଼ିଶା ପୋଲିସ ମୁତୟନ କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ ଗତ ୪୦ ବର୍ଷ ହେଲା ଜବରଦଖଲକାରୀମାନେ ଏଠାରେ ରହି ନିଜର ଜୀବିକା ନିର୍ବାହ କରୁଥିଲେ। ଜିଲା ଅଦାଲତ ଓ ସିନିୟର ଡ଼ିଇଏନ ନିର୍ଦ୍ଦେଶରେ ଜବରଦଖଲ ଉଚ୍ଛେଦ ହୋଇଛି। ଏସ୍ ଶ୍ରୀନିବାସ ରାଓ, ମାଜିଷ୍ଟ୍ରେଟ ଭାବେ ସହକାରୀ ତହସିଲଦାର ସୁନୀଲ କର ଉପସ୍ଥିତ ଥିଲେ।

# ଶ୍ରମ କାର୍ଯ୍ୟାଳୟ ଆଗରେ ଶ୍ରମିକଙ୍କ ବିକ୍ଷୋଭ

## ୧୦ ଦଫା ଦାବିରେ ସହକାରୀ ଶ୍ରମ ଅଧିକାରୀଙ୍କୁ ମଜଦୁର ସଂଘର ଦାବିପତ୍ର




ଭାରତୀୟ ମଜଦୁର ସଂଘ ପକ୍ଷରୁ ବାହାରି ଥିବା ଶୋଭାଯାତ୍ରା।

ରାୟଗଡ଼ା ଅଫିସ,୨୧।୮

ଭାରତୀୟ ମଜଦୁର ସଂଘ ବୁଧବାର ରାୟଗଡ଼ା ଜିଲା ଶ୍ରମ କାର୍ଯ୍ୟାଳୟ ଆଗରେ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଛି। ଶତାଧିକ ଶ୍ରମିକ ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପରୁ ଏକ ବିରାଟ ଶୋଭାଯାତ୍ରାରେ ଯାଇ ଶ୍ରମ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସଂଘ ପକ୍ଷରୁ ସହକାରୀ ଶ୍ରମାଧିକାରୀ ଟୁଡୁ ଛୋଟରାୟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣକୁ ସରଳୀକରଣ, ପଞ୍ଜୀକୃତ ଶ୍ରମିକ ଅନ୍ୟୂନ ପାଞ୍ଚବର୍ଷ ପ୍ରିମିୟମ ଦେଲେ ୩୦୦୦ ଟଙ୍କା ପେନସନ ପ୍ରଦାନ,ଏକ ନର୍ଦ୍ଦିଷ୍ଟ ଜାଗା ଚିହ୍ନଟ କରାଯାଇ ଭୂମିହୀନଙ୍କୁ ଘର ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଶୋଭାଯାତ୍ରା, ବିକ୍ଷୋଭ ପ୍ରଦର୍ଶନ ଓ ଦାବିପତ୍ର ପ୍ରଦାନ ସମୟରେ ଜିଲା ସଭାପତି ଗୋପୀନାଥ କୋଣ୍ଡାଗିର, ଜିଲା ସମ୍ପାଦକ ବିଷ୍ଣୁ ହୁଇକା, ଧନଞ୍ଜୟ କନଟାବଂଶ, ବାଙ୍ଗାରାଜୁ ପୁଆଲା,ମନୋଜ ମାଣ୍ଡାଙ୍ଗି, ଜିତେନ୍ଦ୍ର ସାରକା, ନବୀନ ସାରକା, ବିଶ୍ୱମ୍ଭର ତାଡ଼ିଙ୍ଗୀ, ରୀନା ବିଡ଼ିକା,ସେମ୍ପୁ ମିଣାକା ପ୍ରମୁଖଙ୍କ ସମେତ ଶତାଧିକ ଶ୍ରମିକ ଉପସ୍ଥିତ ଥିଲେ।

## କୈଶୋର ସ୍ୱାସ୍ଥ୍ୟ ଆଲୋଚନାଚକ୍ର

ମୁନିଗୁଡା, ୨୧।୮ (ଡି.ଏନ୍.ଏ.)

ମୁନିଗୁଡା ବ୍ଲକ ଶିବପଦର ବନମାଳି ଶିକ୍ଷା ନିକେତନରେ ବୁଧବାର ପ୍ରଧାନଶିକ୍ଷକ ରାଜକିଶୋର ବେହେରାଙ୍କ ସଭାପତିତ୍ୱରେ କୈଶୋର ସ୍ୱାସ୍ଥ୍ୟ ରକ୍ଷା ଅଧିକାର ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ସମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତଙ୍କ ସଂଯୋଜିତ ଉକ୍ତ କାର୍ଯ୍ୟକ୍ରମରେ ଭଲ୍ୟୁଣ୍ଟାରୀ ହେଲ୍‌ଥ ଆସୋସିଏଶନ ଅଫ୍ ଇଣ୍ଡିଆର ଯୌନ ପ୍ରଜନନ ସ୍ୱାସ୍ଥ୍ୟ ଅଧିକାର, ସମୂହ ଜାତୀୟ କାର୍ଯ୍ୟକ୍ରମ ସଂଯୋଜକ ଯୋଶ୍ ଥୋମାସ୍, ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ସମୀର କୁମାର ସାହୁ ମୁଖ୍ୟ ଆଲୋଚକ ଭାବେ ଅଂଶଗ୍ରହଣ କରି କିଶୋରୀ, କିଶୋରମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୮ ବର୍ଷ ପୂର୍ବରୁ ଝିଅ ଏବଂ ୨୧ ବର୍ଷ ପୂର୍ବରୁ ପୁଅମାନେ ବିବାହ ନ କରିବାକୁ ସାମୂହିକ ଭାବେ ଶପଥ ଗ୍ରହଣ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମମତା ମିଶ୍ର, ପ୍ରଶାନ୍ତ କୁମାର ସାହୁ, କେଦାର ନାଥ ମହାନ୍ତି, ତରୁଣ କୁମାର ସାହୁ, ଅଶୋକ କୁମାର ଲେଙ୍କାଙ୍କ ସମେତ ହାଇସ୍କୁଲର ସମସ୍ତ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଯୁବତୀ ଯୁବକଙ୍କୁ କର୍ମ ଯୋଗାଣ ଲକ୍ଷ୍ୟ

ଗୁଣପୁର,୨୧।୮(ଡି.ଏନ୍.ଏ)

ଗୁଣପୁର ଟାଉନ ହଲ୍‌ରେ ବୁଧବାର ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାର ବ୍ଲକସ୍ତରୀୟ କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଧାୟକ ରଘୁନାଥ ଗମାଙ୍ଗ, ଜିଲାପାଳ ପ୍ରୋମଦ କୁମାର ବେହେରା, ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ, ଭାରପ୍ରାପ୍ତ ବିଡିଓ ଅଗସ୍ତି ପ୍ରଧାନ, ଓରମାସ୍ ସହାକରୀ ନିର୍ଦ୍ଦେଶକ ମନୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳରେ ୧୮ରୁ ୩୫ ବର୍ଷ ମଧ୍ୟରେ ଥିବା ବେକାର ଯୁବତୀଯୁବକଙ୍କୁ କର୍ମ ଯୋଗାଣ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥି ଲାଗି ୩୦୦ ଜଣ ଆବେଦନ କରିଥିବାବେଳେ ୧୬୨ ଜଣଙ୍କୁ ୧୦ଟି ତାଲିମ ସଂସ୍ଥା ସହ ସଂଯୋଗ କରାଯାଇଥିଲା। ବଳକା ଛାତ୍ରୀଛାତ୍ରଙ୍କୁ ଆଗାମୀ ଦୀନରେ ଅନ୍ୟ କର୍ମ ନିୟୋଜନ ସଂସ୍ଥା ସହ ସଂଯୋଗ କରାଯିବ ବୋଲି ସ୍ଥିର ହୋଇଛି।

# ସ୍କୁଲରେ ପିଲାମାନଙ୍କ ନିରାପତ୍ତା ଉପରେ ଗୁରୁତ୍ୱ

ମୁନିଗୁଡା, ୨୧।୮ (ଡି.ଏନ୍.ଏ.)

**ଶିବପଦରରେ କେନ୍ଦ୍ର ଶ୍ରେଣୀ ବୈଠକ**



ବୈଠକରେ ମଞ୍ଚାସୀନ ଅତିଥି।

ମୁନିଗୁଡା ବ୍ଲକ ଶିବପଦର ଆଶ୍ରମ ବିଦ୍ୟାଳୟ ପରିସରରେ ବୁଧବାର ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ, ଛାତ୍ରୀନିବାସ ଓ ଛାତ୍ରାବାସ ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ ତଥା ପରିଚାଳକଙ୍କ ପଞ୍ଚାୟତ ସମିତିସ୍ତରୀୟ କେନ୍ଦ୍ର ଶ୍ରେଣୀ ବୈଠକ ଅନୁଷ୍ଠିତ ହୋଇଛି। ମଙ୍ଗଳ ସମ୍ପ୍ରସାରଣ ଅଧିକରୀ ଭାଗିରଥୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ଜିଲା ଶିକ୍ଷା ନିରୀକ୍ଷକ ଶ୍ୟାମଘନ ଭୂୟାଁ ମୁଖ୍ୟ ଅତିଥି ଏବଂ ସମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନିତା ସିକ୍‌କା, ରଶ୍ମିତା ଜାକେସିକା, ଲିପ୍‌ସା ସିଂହ, ହରିତା ସାରକା, ଘାସିଆଣୀ ଜାକେସିକା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କେନ୍ଦ୍ର ଶ୍ରେଣୀ ବ୍ଲକ ସମ୍ପାଦକ ଏମ୍. ମୁରଲୀ କ୍ରିଷ୍ଣା ଗତ ବୈଠକର ବିବରଣୀ ପାଠ କରିଥିଲେ। ଅତିଥି ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କର ସୁରକ୍ଷା, ନିରାପତ୍ତା, ସ୍ୱଚ୍ଛତା, ଶୌଚାଳୟ ପରିଚାଳନା, ହେଲ୍ପଲାଇନ୍ ସେବା, ଯୌନ ନିର୍ଯାତନା ନିରାକରଣ ପ୍ରକୋଷ୍ଠ, ସ୍ୱାସ୍ଥ୍ୟ ପଞ୍ଜିକା, ଆବାସ ଓ ଭୋଜନ ବ୍ୟବସ୍ଥା, ଦଳୀୟ ମନୋଭାବ ଦ୍ୱାରା ଶୈକ୍ଷିକ ଏବଂ ଅଣଶୈକ୍ଷିକ ପ୍ରତ୍ୟେକ କାର୍ଯ୍ୟା ସମ୍ପାଦନ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରଧାନଶିକ୍ଷକ କାଶୀନାଥ ଶବର, ସହକାରୀ କାମେଶ୍ୱର ନାୟକ ପରିଚାଳନାରେ ସହାୟତା କରିଥିଲେ।

## ମଝିଘରିଆଣୀଙ୍କ ନାଁରେ ହେଉ ଜୁନାଗଡ଼-ଭୁବନେଶ୍ୱର ଟ୍ରେନ

ରାୟଗଡ଼ା ଅଫିସ,୨୧।୮

ଜୁନାଗଡ଼-ଭୁବନେଶ୍ୱର ଟ୍ରେନକୁ ମା' ମଝିଘରିଆଣୀଙ୍କ ନାଁରେ ନାମିତ କରିବାକୁ ଆଦିବାସୀ ଯୁବ ସମାଜ ଦାବି କରିଛି। ଏ ନେଇ ବୁଧବାର ଷ୍ଟେଶନମାଷ୍ଟରଙ୍କ ଜରିଆରେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଏକ ଚିଠି ପ୍ରଦାନ କରାଯାଇଛି । ଆଗାମୀ ଦିନରେ ଜୁନାଗଡ-ଭୁବନେଶ୍ୱରକୁ ଯିବାକୁ ଥିବା ସ୍ୱତନ୍ତ୍ର ଟ୍ରେନର ନାମ ମା'ମଝିଘରିଆଣି ଦିଆଗଲେ ଭଲ ହବ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏହି ସମୟରେ ଗୌରୀ ଶଙ୍କର ଦାସ, ଧନୁର୍ଜୟ ବେହେରା, ଶ୍ରୀଧର ଦୋରା, ଚିନ୍ମୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁ କଲ୍ୟାଣ ମଣ୍ଡପ ଟେଣ୍ଡରରେ ଅନିୟମିତତା ଅଭିଯୋଗ



ଉପଜିଲାପାଳ ଦାବିପତ୍ର ଅନୁଧ୍ୟାନ କରୁଛନ୍ତି।

ଗୁଣପୁର,୨୧।୮(ଡି.ଏନ୍.ଏ.)

ରାୟଗଡା ଜିଲା ବିଷମକଟକ ପଞ୍ଚାୟତ ଅଧୀନ ବିଜୁ କଲ୍ୟାଣ ମଣ୍ଡପ ଟେଣ୍ଡରରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣିଛନ୍ତି ପଞ୍ଚାୟତ ପ୍ରତିନିଧି। ଏହାର ତଦନ୍ତ କରିବାକୁ ସେମାନେ ଉପଜିଲାପାଳ ବଳିରାମ ବନ୍ଦରଙ୍କୁ ଭେଟି ବୁଧବାର ଦାବିପତ୍ର ପ୍ରଦାନ କରିଛନ୍ତି। ଟେଣ୍ଡର ଠିକ ପ୍ରକ୍ରିୟାରେ ହୋଇ ନ ଥିବା ପଞ୍ଚାୟତ ପ୍ରତିନିଧି ଅଭିଯୋଗ କରିଛନ୍ତି। ଫଳରେ ଇଚ୍ଛୁକ ପ୍ରାର୍ଥୀ ମାନେଏଥିରୁ ବଞ୍ଚିତ ହୋଇଛନ୍ତି। ଗତ ବର୍ଷ ଟେଣ୍ଡର ନେଇଥିବା ଜନୈକ ବ୍ୟକ୍ତିଙ୍କ ନାମରେ ଆଗାମୀ ୩ ବର୍ଷ ପାଇଁ ୧୦ ପ୍ରତିଶତ ବର୍ଦ୍ଧିତ ହାରରେ ଟେଣ୍ଡର ରହିଛି। ଯାହା ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ଜାଣି ନାହାନ୍ତି। ଏହା ସେମାନଙ୍କ ଅଗୋଚରରେ ହୋଇଛି। କିପରି ସେହି ବ୍ୟକ୍ତି ଜଣଙ୍କ ଆଗାମୀ ୩ ବର୍ଷ ପାଇଁ ଟେଣ୍ଡର ନିଜ ନାଁରେ କରି ନେଇଛନ୍ତି ତାହାର ତଦନ୍ତ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ବିଷମକଟକ କଂଗ୍ରେସର ନୀଳମାଧବ ହିକ୍‌କାଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି।

# ଭାଲେରି ଆଦର୍ଶ ବିଦ୍ୟାଳୟରେ ପାଠପଢା ଆରମ୍ଭ

ଦୁର୍ଗୀ, ୨୧।୮

ଦୀର୍ଘ ଦିନ ପରେ ବିଷମକଟକ ଭାଲେରିରେ ବୁଧବାର ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକାରୀ ହୋଇଛି। ଜିଲା ଶିକ୍ଷାଧିକାର, ପ୍ରିନସିପାଲ ମଧୁସ୍ମିତା ଦାସଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ପ୍ରବେଶ କରିଥିଲେ। ପ୍ରକାଶଯେ, ସବୁ ବ୍ଲକରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ବିଷମକଟକ ବ୍ଲକ ଭାଲେରିରେ ଆଦର୍ଶ ବିଦ୍ୟାଳୟ ହେବ ବୋଲି ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା। ବିଷମକଟକ ଲୋକେ ତାହାକୁ ବିରୋଧ କରି ଉଚ୍ଚ ନ୍ୟାୟାଳୟରୁ ରହିତା ଦେଶ ଆଣିଥିଲେ। ଏହାପରେ ଆଦର୍ଶ ବିଦ୍ୟାଳୟ କାମ ବନ୍ଦ କରା ଯାଇଥିଲା। କିନ୍ତୁ ତାର କିଛି ମାସ ପରେ ଉଚ୍ଚ ନ୍ୟାୟାଳୟ ଜିଲା ପ୍ରଶାସନ ସପକ୍ଷରେ ଆଦେଶ ଦେଇଥିଲେ। ଭାଲେରି ଠାରେ ହିଁ ବିଦ୍ୟାଳୟ ସ୍ଥାପନ ହେବ ବୋଲି ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟ ଆରମ୍ଭ ହୋଇଥିଲା। କିନ୍ତୁ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ଅସ୍ଥାୟୀ କ୍ୟାମ୍ପସ୍‌ରେ ଏହାର ପାଠପଢା ଚାଲୁଥିଲା।



ପିଲାମାନେ ସ୍କୁଲ ଯାଉଛନ୍ତି।

# ଆମ୍ବୁଲାନ୍ସକୁ ୮ ଘଣ୍ଟା ଅପେକ୍ଷା କଲେ ରୋଗୀ

ରାୟଗଡ଼ା ଅଫିସ,୨୧।୮

ସହରରେ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ। ରୋଗୀଙ୍କୁ ଠିକ୍ ସମୟରେ ଆମ୍ବୁଲାନ୍ସ ମିଳୁ ନ ଥିବାରୁ ବେଳେ ବେଳେ ସେମାନଙ୍କୁ ଜୀବନ ହାରିବାକୁ ପଡୁଛି। ଆମ୍ବୁଲାନ୍ସ ନ ଆସିବାରୁ ଗରିବ ଆଦିବାସୀମାନେ ଘରୋଇ ଗାଡ଼ି ଭଡ଼ା କରି ଡାକ୍ତରଖାନା ଯାଉଥିବାରୁ ସେମାନଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି ବୋଲି କେତେଜଣ ଅଭିଯୋଗ କରିଛନ୍ତି। ଏହାର ଏକ ଉଦାହରଣ ବୁଧବାର ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେଖିବାକୁ ମିଳିଛି। ଜଣେ ରୋଗୀ ୮ଘଣ୍ଟା ଆମ୍ବୁଲାନ୍ସକୁ ଅପେକ୍ଷା କରି ରହିଥିଲେ।

କୋଲନରା ବ୍ଲକ ଦୁଦୁଲି ପଞ୍ଚାୟତ ତାଣ୍ଡିପୁର ଗ୍ରାମର କେ. ତାରାବତୀ ଡେ଼ଙ୍ଗୁ ରୋଗରେ ପୀଡ଼ିତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟର ମେଡ଼ିସିନ ୱାର୍ଡରେ ଚିକିତ୍ସିତ ହେଉଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ନ ଆସିବାରୁ ଡାକ୍ତର ତାଙ୍କୁ ସକାଳ ୬ଟାରେ କୋରାପୁଟ ସ୍ଥାନାନ୍ତର କରିଥିଲେ। ପରେ ପରିବାରର ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ଦିନ ୨ଟା ସୁଦ୍ଧା ମଧ ଆମ୍ବୁଲାନ୍ସ ଡାକ୍ତରଖାନା ଆସି ନ ଥିଲା। ଫଳରେ ରୋଗୀ ଓ ତାଙ୍କ ସମ୍ପର୍କୀୟ ଦୀର୍ଘ ସମୟ ଧରି ଆମ୍ବୁଲାନ୍ସକୁ ଅପେକ୍ଷା କରିଥିଲେ। ଏହାପରେ ଯାଇ ଆମ୍ବୁଲାନ୍ସ ସେଠାରେ ପହଞ୍ଚିଥିଲା। ଏ ନେଇ ଆମ୍ବୁଲାନ୍ସ ପରିଚାଳକ ପ୍ରଦୀପ ସାହୁ କହିଛନ୍ତି ଯେ, ଆବଶ୍ୟକ ଆମ୍ବୁଲାନ୍ସ ନାହିଁ । ପ୍ରାୟ ୬ ମାସ ହେବ ସେଥି ମଧ୍ୟରୁ ୨ ଟି ଆମ୍ବୁଲାନ୍ସ ଖରାପ ଅଛି। ଏଥିପାଇଁ ବାହାର ବ୍ଲକରୁ ଆମ୍ବୁଲାନ୍ସ ଅଣାଯାଉଛି। ଆମ୍ବୁଲାନ୍ସ ଭଳି ଜରୁରୀ ସେବାରେ ଅବ୍ୟବସ୍ଥା ଯୋଗୁ ବିଭିନ୍ନ ସମୟରେ ସାଧାରଣ ଲୋକେ ଜୀବନ ହାରୁଛନ୍ତି। ସହରରେ ଆମ୍ବୁଲାନ୍ସ ସେବା ଠିକ୍ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।



ଆମ୍ବୁଲାନ୍ସକୁ ଅପେକ୍ଷା କରି ରହିଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟ।